## ସଂକ୍ଷେପରେ

### ମହିଳାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ତିହିଡି,୨୪।୪(ସଞ୍ଜିତ ବଳ)- ତିହିଡି ଥାନା ଭାଟପଡ଼ା ପଞ୍ଚାୟତ ଅଧୀନ ମଙ୍ଗରାଜପୁର ଗ୍ରାମର ସୁପର୍ଣ୍ଣା ପୁହାଣ (୨୯) ନାମ୍ନୀ ଜଣେ ମହିଳାଙ୍କୁ ଗୁରୁବାର ତାଙ୍କ ଶାଶୁଘର ଲୋକେ ହତ୍ୟା କରି ଫ୍ୟାନରେ ଝୁଲାଇ ଦେଇଥିବା ଅଭିଯୋଗ ହୋଇଛି। ସୁପର୍ଣ୍ଣାଙ୍କ ମା' ମଞ୍ଜୁଲତା ପୁହାଣ ଗୁରୁବାର ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୪୧/୨୬) ରୁଜୁ କରିଛି। ଏଥିସହ ପୋଲିସ ମୃତା ମହିଳାଙ୍କ ସ୍ୱାମୀ କକେଇ ପଣ୍ଡାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ମଙ୍ଗରାଜପୁର ଗ୍ରାମର ରାମଚନ୍ଦ୍ର ପଣ୍ଡାଙ୍କ ପୁଅ କକେଇ ୬ମାସ ପୂର୍ବେ ତିହିଡି ଥାନା ଗୁଆମାଳ ପଞ୍ଚାୟତ ଅଧୀନ ଈଶାଣପୁର ଗ୍ରାମର ଶରତ ପୁହାଣଙ୍କ ଝିଅ ସୁପର୍ଣ୍ଣାଙ୍କୁ ୨ୟ ବିବାହ କରିଥିଲେ। ବିବାହର କିଛିଦିନ ପରେ ସୁପର୍ଣ୍ଣାଙ୍କୁ ତାଙ୍କ ଶାଶୁଘର ଲୋକମାନେ ନିର୍ଯାତନା ଦେଇଥିଲେ। ସୁପର୍ଣ୍ଣା ଟେଲିଫୋନ ଯୋଗେ ନିର୍ଯାତନା ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ଗୁରୁବାର ସନ୍ଧ୍ୟାରେ ସୁପର୍ଣ୍ଣାଙ୍କୁ ଶାଶୁଘର ଲୋକେ ହତ୍ୟା କରି ଏକ ଶାଢ଼ୀ ସହାୟତାରେ ଫ୍ୟାନରେ ଝୁଲାଇ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷେ ସୁପର୍ଣ୍ଣା ଆତ୍ମହତ୍ୟା କରିଥିବା ସମ୍ପର୍କରେ ତାଙ୍କ ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ଖବରପାଇ ଆଇଆଇସି ଲୋପାମୁଦ୍ରା ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୁପର୍ଣ୍ଣାଙ୍କ ମୃତଦେହ ଝୁଲୁଥିବା ଘର ଭିତର ପଟୁ ବନ୍ଦ ଥିବାରୁ ପୋଲିସ ଘର କବାଟ ଭାଙ୍ଗି ମୃତଦେହକୁ ଜବତ କରିଥିଲା। ପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସୁପର୍ଣ୍ଣାଙ୍କୁ ହତ୍ୟା କରାଯାଇଛି ଅଥବା ସେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇଯିବ ବୋଲି ପୋଲିସ କହିଛି।

### ଡ୍ରେନ୍ ଖୋଳୁଥିବା ବେଳେ ଶ୍ରମିକଙ୍କୁ ଆକ୍ରମଣ

ଧୂଷୁରୀ,୨୪।୪(ଦୀପ୍ତି ରଞ୍ଜନ ନାୟକ): ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ସାହାସପୁର ଗ୍ରାମରେ ଗୁରୁବାର ସରକାରୀ ସହାୟତାରେ ଚାଲିଥିବା ଡ୍ରେନେଜ କାମରେ ନିୟୋଜିତ କୋଠାର ଗ୍ରାମର ଜଣେ ଦଳିତ ଯୁବକ କୈଳାସ ମଳିକ (୪୦)ଙ୍କୁ ଆକ୍ରମଣ ହୋଇଛି। ଗୋଡ ଭାଙ୍ଗି ଯାଇଥିବା ବେଳେ କୈଳାସଙ୍କୁ ପରିବାର ଲୋକେ ଧୂଷୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଅଭିଯୋଗ କ୍ରମେ ଧୂଷୁରୀ ପୋଲିସ ସାହାସପୁର ଗ୍ରାମର ଶେଖର ପୋଥାଳ( ୨୪), ସପୁନା ପୋଥାଳ ( ୨୭) ଓ ଶରତ ପୋଥାଳ ( ୭୦)ଙ୍କ ନାମରେ ମାମଲା(ନଂ.୧୯୦/୨୬)ରୁଜୁ କରିଛି । ଅଭିଯୁକ୍ତମାନେ କାମ ବନ୍ଦ କରିବାକୁ କହିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ହାତୁଡିରେ ପିଟି ଗୋଡ ଭାଙ୍ଗି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଜଣେ ଗରିବ ଦଳିତ ଶ୍ରମିକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇ ଥିଲେ ବି ପୋଲିସ ଅକ୍ରେମଣକାରୀଙ୍କୁ ଗିରଫ କରି ନ ଥିବାରୁ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ୨ ଦିନ ଭିତରେ ନ୍ୟାୟ ନ ମିଳେ ତେବେ ଧୂଷୁରୀ ଥାନା ଆଗରେ ସେମାନେ ଧାରଣା ଦେବେ ବୋଲି କୈଳାସଙ୍କ ପତ୍ନୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ଘଟଣାର ତଦନ୍ତ ଚାଲିଛି ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ମୁଣ୍ଡରେ କଳାପଟି ବାନ୍ଧି ସରପଞ୍ଚଙ୍କ ପ୍ରତିବାଦ

### ପ୍ରକଳ୍ପ ସ୍ଥାନାନ୍ତରକୁ ନେଇ ଜାତୀୟ ପଞ୍ଚାୟତିରାଜ ଦିବସରେ ବିବାଦ

ବାସୁଦେବପୁର,୨୪।୪
(ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ନୂତନ କନ୍‌ଫରେନ୍ସ ହଲରେ ଶୁକ୍ରବାର ସନ୍ଧ୍ୟାରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ବେଳେ ଏକ ବିବାଦୀୟ ଘଟଣା ଦେଖିବାକୁ ମିଳିଥିଲା। ବୈଠକ ଆରମ୍ଭରୁ ପଞ୍ଚାୟତ ସମିତି ଅଧୀନରେ ଥିବା ୩୬ ପଞ୍ଚାୟତର ସରପଞ୍ଚ ମୁଣ୍ଡରେ କଳାବ୍ୟାଚ୍ ପିନ୍ଧି ମିଟିଂ ହଲରେ ଜାତୀୟ ପଞ୍ଚାୟତରାଜ ଦିବସରେ ତଳେ ବସି ପ୍ରତିବାଦ କରିଥିଲେ। ଏଥିସହ ସଭାଗୃହ ପରିତ୍ୟାଗ କରିଥିବା ଜଣାପଡ଼ିଛି।

ସରପଞ୍ଚମାନେ ଅଭିଯୋଗରେ କହିଥିଲେ, ସମସ୍ତ ପଞ୍ଚାୟତଗୁଡ଼ିକରେ ଗ୍ରାମ ସଭାରେ ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡ଼ିକର ପରିବର୍ତ୍ତିତ କେଉଁ ପରିସ୍ଥିତିରେ ହେଉଛି। ପ୍ରକଳ୍ପ ପରିବର୍ତ୍ତନ କିଏ କରୁଛି ପ୍ରଶ୍ନ ଉଠାଇ ସରପଞ୍ଚମାନେ ଏହାକୁ ବିରୋଧ କରିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ପଞ୍ଚାୟତ ସମିତି ବୈଠକ ହେଉ ନ ଥିବା ଅଭିଯୋଗ ଉଠାଇଥିଲେ। ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ସରପଞ୍ଚଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ଏହି ବ୍ଲକ୍‌ରେ ସରପଞ୍ଚଙ୍କୁ ଉପେକ୍ଷା କରାଯାଉଥିବାରୁ କଳାପଟି ମୁଣ୍ଡରେ ପିନ୍ଧି ସରପଞ୍ଚମାନେ ପ୍ରତିବାଦ କରିବା ସହ ଗ୍ରାମ ସଭାରେ ଅନୁମୋଦିତ ପ୍ରକଳ୍ପକୁ ଗୁରୁତ୍ୱ ଦେଇ କାର୍ଯ୍ୟକ୍ଷମ କରିବାକୁ ସରପଞ୍ଚ ସଂଘର ସଭାପତି ଆଦିତ୍ୟ ଗିରି, ସମ୍ପାଦକ ଅଗଣୀ ପ୍ରସାଦ ଜେନା କହିଛନ୍ତି। ଘଟଣାର ସମାଧାନ ନ ହେଲେ ଆସନ୍ତା ୨୭ ତାରିଖରେ ସରପଞ୍ଚମାନେ ଧାରଣାରେ ବ୍ଲକ୍ ପରିସରରେ ବସିବେ ବୋଲି ବରିଷ୍ଠ ସରପଞ୍ଚ ରମେଶ ଚନ୍ଦ୍ର ବଳ ଚେତାବନୀ ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଏହି ଜାତୀୟ ପଞ୍ଚାୟତରାଜ ଦିବସରେ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ତହସିଲଦାର ପ୍ରିୟବ୍ରତ ଦାସ, ଏବିଡିଓ ମୃତ୍ୟୁଞ୍ଜୟ ନାୟକ, ଏମ୍‌ପିଙ୍କ ପ୍ରତିନିଧି ଜୟପ୍ରକାଶ ମଳିକ, ସିପି ଆଦିତ୍ୟ ପଣ୍ଡା, ସରୋଜ ଖୁଣ୍ଟିଆ, ସୁବ୍ରତ ଦାସ, ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକଙ୍କ ସମେତ ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ।



କଳାପଟି ପିନ୍ଧି ପ୍ରତିବାଦ କରୁଛନ୍ତି ସରପଞ୍ଚ।

# ବିଦ୍ୟାଳୟ ଜମି ବିକ୍ରି ଅଭିଯୋଗ



ତହସିଲ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀମାନେ।

ବାସୁଦେବପୁର,୨୪।୪(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଅଧୀନ ଲୁଙ୍ଗା ପଞ୍ଚାୟତ ଲୁଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାମରେ ଥିବା ଜମିକୁ ଜଣେ ବ୍ୟକ୍ତି ଚଞ୍ଚକତା କରି ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ଶୁକ୍ରବାର ଏକ ଲିଖିତ ଦାବିପତ୍ର ବାସୁଦେବପୁର ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାରଙ୍କ ସମେତ ଥାନାରେ ଲିଖିତ ଭାବେ ଜଣାଇଛନ୍ତି।

ପ୍ରକାଶଯୋଗ୍ୟ, ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଏହି ବିଦ୍ୟାଳୟକୁ ୫ ଏକର ୪୫ ଡିସିମିଲ ଜମି ଗତ ୩ ଅଗଷ୍ଟ ୧୯୭୧ ରେ ଦଲିଲ କରିଥିଲେ। ତେବେ ଏହି ଜମିକୁ ଦାତାଙ୍କର ଜଣେ ସମ୍ପର୍କୀୟ ଗତ ୨୯ ଏପ୍ରିଲ ୨୦୨୨ରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିବା ଗ୍ରାମବାସୀମାନେ ଜାଣିବାକୁ ପାଇଥିଲେ। ଏନେଇ ପ୍ରଶାସନର ଦ୍ୱାରସ୍ଥ ହେବା ସହ ସ୍କୁଲ ଖାତାକୁ ଏହି ଜମି ଫେରାଇ ଆଣିବାକୁ ଦାବି ରଖିଛନ୍ତି। ଘଟଣାରେ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ମିଳିତ ଭାବେ କେଉଁ ପରିସ୍ଥିତିରେ ସ୍କୁଲ ନାମରେ ଥିବା ଜମିକୁ ବିକ୍ରି କରାଗଲା ତାହାର ତଦନ୍ତ ସହ ପୁନଃ କିପରି ଜମି ସ୍କୁଲ ଖାତାକୁ ଆସିପାରିବ ସେ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଭାଜପାର ମହିଳା ଜନଆକ୍ରୋଶ ପଦଯାତ୍ରା




ପଦଯାତ୍ରାରେ ଭାଜପା ମହିଳା ମୋର୍ଚ୍ଚା।

ଭଦ୍ରକ, ୨୪।୪(ସନାତନ ରାଉତ)

କେନ୍ଦ୍ର ସରକାର ପକ୍ଷରୁ ସଂସଦରେ ଆଗତ ହୋଇଥିବା ମହିଳା ସଂରକ୍ଷଣ ବିଲ୍ ପାରିତ ନ ହେବା ପରେ ଭାଜପା ପକ୍ଷରୁ ସାରାଦେଶରେ ଜନଆକ୍ରୋଶ ମହିଳା ସମାବେଶ କରାଯାଉଛି। ଶୁକ୍ରବାର ଭଦ୍ରକରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ 'ମହିଳା ଜନ ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସହରର ଗାନ୍ଧୀପଡ଼ିଆରୁ ମହିଳାମାନେ ଶୋଭାଯାତ୍ରାରେ ବିଭିନ୍ନ ନାରାବାଜି କରି ସହର ପରିକ୍ରମା କରିବା ପରେ ଭଦ୍ରକ ବ୍ଲକ କାର୍ଯ୍ୟାଳୟ ପରିସରରେ ସମାବେଶ ଅନୁଷ୍ଠିତ ହୋଇଥିଲା। ଜିଲା ଉପସଭାନେତ୍ରୀ ତପସ୍ୱିନୀ ମହାପାତ୍ରଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ଭାଜପା ରାଜ୍ୟ କାର୍ଯକାରିଣୀ ସଦସ୍ୟା ମମତା ମହାପାତ୍ର ଯୋଗଦେଇ ମହିଳା ସଂରକ୍ଷଣ ବିଲ ପ୍ରସଙ୍ଗରେ ଇଣ୍ଡିମେଣ୍ଟର ଆଭିମୁଖ୍ୟ ମହିଳା ବିରୋଧୀ ବୋଲି ସ୍ପଷ୍ଟ ହୋଇଛି। ମହିଳାମାନଙ୍କୁ କେବଳ ସେମାନେ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ରମିତା ପାଢ଼ୀ, କଳ୍ପନା ଜେନା, ସରପଞ୍ଚ ଭାରତୀ ବିଶ୍ୱାଳ, ପୂର୍ବତନ ଜିଲା ପରିଷଦ ସଭ୍ୟା ଉମାମଣି ସାହୁ, ରାଜଶ୍ରୀ ପ୍ରଧାନ ପ୍ରମୁଖ କଂଗ୍ରେସ ଓ ସହଯୋଗୀ ଦଳର ଆଭିମୁଖ୍ୟକୁ ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପିଅଭିମନ୍ୟୁ ସେଠୀ, ଜିଲା ସଭାପତି ଭଗବାନ ପଣ୍ଡା, ଉପସଭାପତି ଅଜୟ ନାୟକ, ସାଧାରଣ ସମ୍ପାଦକ ତପନ ମହାନ୍ତି, ଅରବିନ୍ଦ ପତି, ପ୍ରୟାସକାନ୍ତି ସାମଲ, ସୁଧାଂଶୁ ଶେଖର ନାୟକ, କିଶୋର କିଙ୍କର ପଡ଼ିଆରୀ, ଝରଣା ଜେନା, ଅନୁସୂୟା ପଣ୍ଡା, ଝରଣା ଜେନା, ପଦ୍ମିନୀ ଦିୱେଦୀ, ଜୟସ୍ମିତା ଗୋଚ୍ଛାୟତ, ସାଗରିକା ସେଠୀ ପ୍ରମୁଖ ନେତୃତ୍ୱମାନେ ସାମିଲ ହୋଇଥିଲେ। ଏହି ଅବସରରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଓ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

### ଚକ୍ଷୁ ପରୀକ୍ଷା ଶିବିର

ତିହିଡ଼ି,୨୪।୪(କାଳନ୍ଦୀ ବେହେରା)- ସାମାଜିକ ସଙ୍ଗଠନ ତିହିଡ଼ି ଯୁବମଞ୍ଚ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟର ମିଳିତ ପ୍ରୟାସରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ତିହିଡ଼ି ଥାନାଧିକାରିଣୀ ଲୋପାମୁଦ୍ରା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମାଜର ଗରିବ ଓ ଅସହାୟ ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ଯୁବମଞ୍ଚର ଏହି ପଦକ୍ଷେପ ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ। ଶିବିରରେ ମୋଟ ୬୮ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ଧୂଷୁରୀ,୨୪।୪(ଦୀପ୍ତି ରଞ୍ଜନ ନାୟକ): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ଓଳଗ ପଞ୍ଚାୟତସ୍ଥିତ ସାଠିବାଙ୍କୁଡ଼ାରେ ବିଶ୍ୱର କଲ୍ୟାଣ ପାଇଁ ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଘଟ ଉତ୍ତ୍ୱଳନ, ଅଙ୍କୁରାରୋପଣ, ସୂତ୍ରବେଷ୍ଟନ, ଅଗ୍ନି ସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜନ, ମାତୃପିତୃ ପୂଜା, ବେଦପାଠ, ଯଜ୍ଞ ଆହୂତି ଆଦି କାର୍ଯ୍ୟ ଯଜ୍ଞ ପୁରୋହିତଙ୍କ ସମାପିତ ହୋଇଥିଲା। ଶେଷ ଦିବସରେ ତର୍ପଣ ସହ ପୂର୍ଣ୍ଣାହୁତି ସଂଗଠିତ ହୋଇଥିଲା। ୫ ଦିନ କାଳ ଗ୍ରାମବାସୀ ଓ ଆଖପାଖ ଗ୍ରାମର ଭକ୍ତମାନେ ପ୍ରସାଦ ସେବନ କରିବା ସହ ସନ୍ଧ୍ୟାରେ ଆଳତି ଦର୍ଶନ କରିଥିଲେ। ପୁରୋହିତ ଦେବେନ୍ଦ୍ର ପଣ୍ଡା, ଲକ୍ଷ୍ମଣ ପାଣିଗ୍ରାହୀ, ଗୋବର୍ଦ୍ଧନ ମହାପାତ୍ର, ଶରତ ଚନ୍ଦ୍ର ମିଶ୍ର, ସାଇ ସନ୍ତୋଷ ପଣ୍ଡା, ସଞ୍ଜୀବ ଦାଶ ପ୍ରମୁଖ ପୂଜା କାର୍ଯ୍ୟ ସମାପନ କରିଥିଲେ। ଯଜ୍ଞ କର୍ତ୍ତାଭାବେ ଲକ୍ଷ୍ମୀକାନ୍ତ ବିଶ୍ୱାଳ ଓ ତାଙ୍କ ସହ ଧର୍ମିଣୀ ନଳିନୀ ପ୍ରଭା ବିଶ୍ୱାଳ, ଉପକର୍ତ୍ତା ବିଚିତ୍ରାନନ୍ଦ ବେହୁରିଆ ଓ ପତ୍ନୀ ଶକୁନ୍ତଳା ବେହୁରିଆ ଭକ୍ତି ସହକାରେ ନିଜର ଭୂମିକା ସମ୍ପାଦନ କରିଥିଲେ।

# ହିତାଧିକାରୀଙ୍କୁ ଭତ୍ତା, କାର୍ଯ୍ୟାଦେଶ ବଣ୍ଟନ

### ଜାତୀୟ ପଞ୍ଚାୟତିରାଜ ଦିବସ

ବନ୍ତ,୨୪।୪(କିଶୋର କୁମାର ସେଠୀ)

ବନ୍ତ ବ୍ଲକ ପରିସରରେ ଶୁକ୍ରବାର ଅପରାହ୍ନରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଜିପିଓ ସୁଚିସ୍ମିତା ବାରିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଅନ୍ୟତମ ଅତିଥି ଭାବେ ବିଡିଓ ସୀତାକାନ୍ତ ରାଉତ, ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ, ବିଧାୟକଙ୍କ ପ୍ରତିନିଧି ସ୍ମୃତିରଞ୍ଜନ ସ୍ୱାଇଁ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧାସୁମନ ନାଥ ପ୍ରମୁଖ ଯୋଗଦେଇ ପଞ୍ଚାୟତସ୍ତରରେ ଗଣତନ୍ତ୍ରକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୩୪ ଜଣ ଭିନ୍ନକ୍ଷମ, ୨୪ଜଣ ସ୍ୱାମୀ ପରିତ୍ୟକ୍ତା, ୯ ଜଣ ବିଧବା, ଅବିବାହିତା ୧୬ ଜଣଙ୍କୁ ମିଶାଇ ମୋଟ ୮୩ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏହାବ୍ୟତୀତ ୨୫ ଜଣଙ୍କୁ ନୂତନ ରାଶନ କାର୍ଡ ଏବଂ ଅନ୍ତ୍ୟୋଦୟ ଯୋଜନାରେ୧୩୭ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ନିର୍ଦ୍ଧାରିତ ୩ ମାସ ସମୟ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିଥିବା ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଲେଖାଏ ବୋନସ ରାଶି ପ୍ରଦାନ କରାଯାଇଥିଲା। ବ୍ଲକ ଯୋଗାଣ ଅଧିକାରିଣୀ ଶୁଭଶ୍ରୀ ଶୁକ୍ଳା, ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ ସାହୁ, ମିତ୍ରଭାନୁ ସ୍ୱାଇଁ, ବିଶ୍ୱନାଥ ସେଠୀ ଓ ରତ୍ନାକର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଓଏଲ୍‌ଏମ୍ ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ରେଡ୍ ରିବନ କ୍ଲବ କର୍ମଶାଳା

ଭଦ୍ରକ, ୨୪।୪(ସନାତନ ରାଉତ)

ଭଦ୍ରକ ମହିଳା ମହାବିଦ୍ୟାଳୟର ରେଡ ରିବନ କ୍ଲବ ପକ୍ଷରୁ ଏଚ୍‌ଆଇଭି/ଏଡ୍ସ ବିଷୟରେ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାର ଛାତ୍ରୀ ଅଂଶଗ୍ରହଣ କରି ଏଚ୍‌ଆଇଭି/ଏଡ୍ସ ସମ୍ପର୍କରେ ସଚେତନତା ବଢ଼ାଇବା, ସୁସ୍ଥ ଜୀବନଶୈଳୀ ଗଠନ କରିବା ଓ ରକ୍ତଦାନକୁ ପ୍ରୋତ୍ସାହନ ଦେବା ସମ୍ପର୍କରେ ଅବଗତ ହୋଇଥିଲେ। ନୂତନ ସଂକ୍ରମଣ କମାଇବା, ଏଚ୍‌ଆଇଭି ପୀଡ଼ିତଙ୍କ ପ୍ରତି ସହାନୁଭୂତି ଓ ଭେଦଭାବ କମାଇବା ଆଦି ସମ୍ପର୍କରେ କ୍ଲବର ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନା ଲେଙ୍କାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସ୍ୱେଚ୍ଛାସେବୀ ସଂସ୍ଥା ଫେଲୋସିପ'ର ନିର୍ଦ୍ଦେଶକ ଏସ୍‌ଏମ୍ ଫାରୁକ, ମୁଖ୍ୟବକ୍ତା ଭାବେ ଡିପିଏମ୍ ଦେବବ୍ରତ ଦାଶ ଯୋଗ ଦେଇଥିଲେ। ଫେଲୋସିପ୍'ର ପ୍ରୋଜେକ୍ଟ ମ୍ୟାନେଜର ସାବିତ୍ରୀ ବିଶ୍ୱାଳ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିବା ବେଳେ ରେଡ ରିବନ କ୍ଲବର ସଂଯୋଜିକା ଡ. ଶୁଭଶ୍ରୀ ବେହେରା ପରିଚାଳନା କରିଥିଲେ।



କର୍ମଶାଳାରେ ଛାତ୍ରୀଙ୍କ ସହ ଅତିଥିମାନେ।

# ନଳକୂପ ପାଇପ୍‌ରେ ସିମେଣ୍ଟ ଭର୍ତ୍ତିକଲେ ଦୁର୍ବୃତ୍ତ

ଚାନ୍ଦବାଲି,୨୪।୪
(ରତିକାନ୍ତ ବାରିକ)



ଚାନ୍ଦବାଲି ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ପାଇଁ ନୂତନ ନଳକୂପ ଖନନ ସାଙ୍ଗକୁ ପୁରାତନ ନଳକୂପ ଗୁଡ଼ିକୁ ମରାମତି କରାଯାଉଛି। ଚାନ୍ଦବାଲି ବ୍ଲକ ନାଳଗୁଣ୍ଡା ପଞ୍ଚାୟତରେ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ୨ନଂ ଜିଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁଙ୍କ ପ୍ରଚେଷ୍ଟାରେ ଜିଲା ପରିଷଦ ପାଣ୍ଠିରୁ ଏକ ନଳକୂପ ଇଟୁଆ ଗ୍ରାମକୁ ଯୋଗାଇ ଦିଆଯାଇଥିଲା। ଗ୍ରାମର ପାତ୍ରସାହି ରାସ୍ତାରେ ଥିବା ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର ଆଗରେ ଖନନ ପାଇଁ ବିଭାଗୀୟ ନିର୍ଦ୍ଦେଶ ଥିଲା। ଏହାକୁ ସ୍ଥାନୀୟ କିଛି ବ୍ୟକ୍ତି ବିରୋଧ କରିଥିଲେ। ବିଦ୍ୟାଳୟ ସମ୍ମୁଖରେ ଖନନ ନ କରି ଅନ୍ୟ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଖନନ କରିବାକୁ ଠିକାଦାରଙ୍କୁ କହିଥିଲେ। ଏହି ବିବାଦୀୟ ପରିସ୍ଥିତି ପରେ ଏସ୍‌ଡିଓ ବିଜୟାନନ୍ଦ ବିଶ୍ୱାଳ କ୍ଷେତ୍ର ପରିଦର୍ଶନ କରି ଉଭୟ ପକ୍ଷଙ୍କୁ ସୁହାଇଲା ଭଳି ରାସ୍ତା ପାର୍ଶ୍ୱରେ ଏକ ସ୍ଥାନ ଚିହ୍ନଟ କରିଥିଲେ। ଠିକାଦାର କାର୍ଯ୍ୟ ଆରମ୍ଭ କରି ୪ଦିନ ତଳେ କାର୍ଯ୍ୟ ଶେଷ କରିଥିଲେ। ମାତ୍ର ଗୁରୁବାର ବିଳମ୍ବିତ ରାତିରେ କିଛି ଅସାମାଜିକ ବ୍ୟକ୍ତି ପାଇପ୍ କାଟି ସେଥିରେ ସିମେଣ୍ଟ ଭର୍ତ୍ତି କରି ଦେଇଛନ୍ତି। ଫଳରେ ନଳକୂପରୁ ପାଣି ବାହାରୁ ନାହିଁ। ଫଳରେ ଠିକାଦାରଙ୍କର ଲକ୍ଷାଧିକ ଟଙ୍କାର କ୍ଷତି ହୋଇଛି। ଠିକାଦାର ମତୋ ପୋଲିସ ଫାଣ୍ଡିର ଦ୍ୱାରସ୍ଥ ହୋଇଛନ୍ତି।

### ଶନିଶ୍ଚର ମନ୍ଦିର ବିଗ୍ରହ ପ୍ରତିଷ୍ଠା

ଧାମନଗର,୨୪।୪(ସନ୍ତୋଷ କୁମାର ମହାପାତ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ୍ ଭଗବାନପୁର ପଞ୍ଚାୟତ ଚନ୍ଦେଶ୍ୱର ଗ୍ରାମସ୍ଥିତ ବାବା ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଏକ ନୂତନ ଶନିଶ୍ଚର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ଧରି ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ଗୁରୁବାର ଘଟାଧିବାସ, ଅଙ୍କୁରାରୋପଣ ଓ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ଶୁକ୍ରବାର ରୀତିନୀତି ଅନୁଯାୟୀ ସୂର୍ଯ୍ୟପୂଜା, ଗୋ ପୂଜନ, ତୋରଣ ପୂଜା ଏବଂ ଯଜ୍ଞ ବେଦୀରେ ସମସ୍ତ ଦେବତାଙ୍କୁ ପୂଜା ପରେ ବାସ୍ତୁ ପୂଜା ହୋଇଥିଲା। ପରେ ଦଧି ନିୟୁତି ଚକ୍ର ଧ୍ୱଜା ପ୍ରତିଷ୍ଠା, ବିଗ୍ରହ ପ୍ରତିଷ୍ଠା ସହ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ମୁଖ୍ୟ କର୍ତ୍ତାଭାବେ କେଶବ ଚନ୍ଦ୍ର ସ୍ୱାଇଁ ଏବଂ ସ୍ତ୍ରୀ ଜୟସ୍ମିତା ସ୍ୱାଇଁ, ବ୍ରାହ୍ମଣ ମନୋଜ ପତି, ବିଦ୍ୟାଧର ପଣ୍ଡା, କାର୍ତ୍ତିକ ଚନ୍ଦ୍ର ପଣ୍ଡା ଓ ବିଦ୍ୟାଧର ପଣ୍ଡା ନିୟୋଜିତ ଥିଲେ। ବିଜୟ ପ୍ରଧାନ, ସଞ୍ଜୀବ ବେହେରା, କରୁଣାକର ପ୍ରଧାନ, ଡା. ନିଶିକାନ୍ତ ପ୍ରଧାନ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

# ମହାବୀର ହନୁମାନଙ୍କ ପ୍ରଥମ ବାର୍ଷିକ ଉତ୍ସବ

ଭଦ୍ରକ,୨୪।୪(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକ ଅଧୀନ କଲେଇ ପଞ୍ଚାୟତର ମା' କ୍ଷେତ୍ରବାସୀ, ସନ୍ତୋଷୀ ପୀଠଠାରେ ମହାବୀର ହନୁମାନ ମନ୍ଦିର ପ୍ରଥମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କମିଟି ସଭାପତି ଗୌରୀଗୋପାଳ ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ଅଙ୍କୁରାରୋପଣ, ସୂର୍ଯ୍ୟପୂଜା କଳସ ଶୋଭାଯାତ୍ରା, ଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ୨ହଜାରରୁ ଅଧିକ ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିଲେ। ଆବାହକ ମହେନ୍ଦ୍ର କୁମାର ମଲ୍ଲିକ (ମୁନା) ସହଯୋଗର ହାତ ବଢ଼ାଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୫୧ ମହିଳା କଳସ ଶୋଭାଯାତ୍ରାରେ ଯୋଗଦାନ କରିଥିଲେ। ପ୍ରାକ୍ତନ ସମିତି ସଭ୍ୟ ନିତ୍ୟାନନ୍ଦ ବେହେରା, ମହେନ୍ଦ୍ର ମଲ୍ଲିକ, ସୁରେନ୍ଦ୍ର ବେହେରା, ଚକ୍ରଧର ଜେନା, ବାବୁରାମ ମଲ୍ଲିକ, କାହ୍ନୁଚରଣ ଜେନା, ମଳୟ ମହାରଣା, ପୂର୍ଣ୍ଣଚନ୍ଦ୍ର ପାଣି, ଯାଦବନେତା କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ସଫଳ କରାଇଥିଲେ।



# ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

ତିହିଡି,୨୪।୪(ସଞ୍ଜିତ ବଳ)

ତିହିଡି ବ୍ଲକ କାର୍ଯ୍ୟାଳୟସ୍ଥିତ ନୀଳମଣି ସଭାଗୃହରେ ଶୁକ୍ରବାର ସନ୍ଧ୍ୟାରେ ଆଭାସୀ ମାଧ୍ୟମରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଡିଓ ନିରଞ୍ଜନ ବାରିକ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ଭାଟପଡ଼ା ସରପଞ୍ଚ ଶୁଭ୍ର ନାରାୟଣ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ହିତାଧିକାରୀମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ବେଳେ ଗୃହ ନିର୍ମାଣ କରିଥିବା ହିତାଧିକାରୀ ମାନଙ୍କୁ ୧୦ହଜାର ଟଙ୍କା ଲେଖାଏ ଚେକ ବଣ୍ଟନ କରାଯାଇଥିଲା। ବ୍ଲକର ମୋଟ ୨୪୫ ଜଣଙ୍କୁ ଯୋଜନାରେ ସାମିଲ କରାଯାଇଥିବା ବିଡିଓ ବାରିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ଭାଜପା ମଣ୍ଡଳ ସଭାପତି କେଶବ ବେହେରା, ସରୋଜ ନାୟକ, ସାଇଶରଣ ବେହେରା, ବରିଷ୍ଠ ନେତା ମୁକ୍ତିକାନ୍ତ ନାୟକ, ସରପଞ୍ଚ ସୁପ୍ରଭା ପାଣି, କୁନ୍ତଳା ମଲିକ, ନିହାରିକା ବିଶ୍ୱାଳ, ଚକ୍ରଧର ଦାସ, ସମିତିସଭ୍ୟ ଜୟପ୍ରକାଶ ମଲିକଙ୍କ ସମେତ ବିଭିନ୍ନ ମହିଳା ଗୋଷ୍ଠୀର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏବିଡିଓ ମୀନକେତନ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, କନିଷ୍ଠ ଯନ୍ତ୍ରୀ ଭରତ ବିଶ୍ୱାଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ବିପିସି କୌଶିକ ଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ହିତାଧିକାରୀଙ୍କୁ ଅତିଥି କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

## ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ବାରିପଦା,୨୪।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପୂଜ୍ୟ ପୂଜାର ପରମ୍ପରାକୁ ବଜାୟ ରଖିବାକୁ ବନ୍ଦେ ବରପୁତ୍ରମ କାର୍ଯ୍ୟକ୍ରମ ଜରିଆରେ ଝାଡ଼ଖଣ୍ଡର ଚକ୍ରଧରପୁରରେ ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳନ କରାଯାଇଛି। ଏହି ଅବସରରେ ଓଡ଼ିଆ ଭାଷା ବିକାଶ ପରିଷଦ, ଝାଡ଼ଖଣ୍ଡ ଓ ସ୍ଥାନୀୟ ଉତ୍କଳ ସମ୍ମିଳନୀ ପକ୍ଷରୁ ସହରରେ ଥିବା ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସଫେଇ କରାଯାଇ ପୁଷ୍ପମାଲ୍ୟ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ବିକାଶ ପରିଷଦ, ଝାଡ଼ଖଣ୍ଡର ସଭାପତି ପ୍ରଫେସର ଡ.ନାଗେଶ୍ୱର ପ୍ରଧାନ, ଉତ୍କଳ ସମ୍ମିଳନୀର ପୂର୍ବତନ ଜିଲା ସଭାପତି ସରୋଜ କୁମାର ପ୍ରଧାନ, ସାମାଜିକ କର୍ମୀ ପୂର୍ଣ୍ଣେନ୍ଦୁ କୁମାର ନନ୍ଦ ଏବଂ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ଡିଜିଟାଲ ଯୁଗରେ ପୁସ୍ତକ ପଠନ ଅପରିହାର୍ଯ୍ୟ’



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ବିଶ୍ୱ ପୁସ୍ତକ ଦିବସ

ବାରିପଦା,୨୪।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ପୁସ୍ତକ ମେଳା ଆନୁକୂଲ୍ୟରେ ଜିଲାର ପୁସ୍ତକପ୍ରେମୀ, ସାହିତ୍ୟ ଅନୁରାଗୀ ତଥା କବି ଓ ଲେଖକ ଲେଖିକାଙ୍କୁ ନେଇ ମୟୂରଭଞ୍ଜ ସାହିତ୍ୟ ପରିଷଦ ସଭାଗୃହରେ ବିଶ୍ୱ ପୁସ୍ତକ ଦିବସ ପାଳନ କରାଯାଇଛି। ପୁସ୍ତକ ମେଳାର ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୂର ଶିକ୍ଷାକେନ୍ଦ୍ର ପ୍ରଭାରୀ, ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡ. ବିନ୍ଧେଶ୍ୱରୀ କଲିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ପ୍ରକୃତ ଜ୍ଞାନ ଆହରଣ ଲାଗି ସବୁଦିନ ଭଳି ବର୍ତ୍ତମାନର ଡିଜିଟାଲ ଯୁଗରେ ମଧ୍ୟ ପୁସ୍ତକ ପଠନ ଏକାନ୍ତ ଏବଂ ସର୍ବୋପରି ଅପରିହାର୍ଯ୍ୟ ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି କହିଥିଲେ।

ଅନୁଷ୍ଠାନର ସାଧାରଣ ସମ୍ପାଦକ ଇଂ. ମନୋଜ କୁମାର ଦଳବେହେରା ମିଳିତ ଜାତିସଂଘ ୟୁନେସ୍କୋ ଅନୁମୋଦିତ ବିଶ୍ୱ ପୁସ୍ତକ ଦିବସ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସାରସ୍ୱତ ସମାବେଶରେ ଜିଲାର ବିଶିଷ୍ଟ ଔପନ୍ୟାସିକ,କବି, ପ୍ରାବନ୍ଧିକ ଏବଂ ଗାଳ୍ପିକ ମିତାରାଣୀ ସାହୁ, ରାଜଲକ୍ଷ୍ମୀ ତ୍ରିପାଠୀ, ଅଜୟ କୁମାର ପାଲ, ସ୍ନେହଲତା ନାୟକ, ଡ. ସଞ୍ଜୀବ କୁମାର ପାଣିଗ୍ରାହୀ, ଅଶୋକ କୁମାର ପଲେଇ, ଡ. ପୁଷ୍ପା ପାତ୍ର, ଶଙ୍କର ଜେନା ଓ ଶିଉଲାଲ ମହାନ୍ତ ପ୍ରମୁଖ ନିଜ ରଚନା ପ୍ରସୂତ ପୁସ୍ତକ ସମ୍ପର୍କରେ ଲେଖକୀୟ ବକ୍ତବ୍ୟମାନ ରଖିଥିଲେ। ଯୁବ ସାହିତ୍ୟିକ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ପୁସ୍ତକ ଦିବସକୁ ନେଇ ସଂକ୍ଷେପ ପାଠକୀୟ ମତାମତ ଦେଇଥିଲେ। ବରିଷ୍ଠ ସଦସ୍ୟ ଅଜିତ କୁମାର କବାଟ, ବର୍ଷିୟାନ ସାହିତ୍ୟିକ ନରସିଂହ ବାରିକ, ସୁସାହିତ୍ୟିକା ରଶ୍ମିତା ପାତ୍ର , ଭାସ୍ୱତୀ ପଣ୍ଡା ଓ ଜୟରାମ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।କୋଷାଧ୍ୟକ୍ଷ କୈବଲ୍ୟ ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୬ ଡମ୍ପର, ୧ଜେସିବି ଜବତ



ଜବତ ହୋଇଥିବା ଡମ୍ପର।

## ବେଆଇନ ମାଟି ଚାଲାଣ

ମୋରଡ଼ା,୨୪।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ତହସିଲ ଅଞ୍ଚଳରେ ମାଇନିଂ ଅଫିସର ଭବାନୀ ଶଙ୍କର ପାତ୍ର, ତହସିଲଦାର ଉପେନ୍ଦ୍ର ଦାସଙ୍କ ସମେତ ପୋଲିସ କର୍ମଚାରୀ ଚଢ଼ାଉ କରି ବେଆଇନ ମାଟି ଚାଲାଣ କରୁଥିବା ୬ ଡମ୍ପର ଓ ଗୋଟିଏ ଜେସିବି ଜବତ କରିଥିବା ସୂଚନା ମିଳିଛି।

ପ୍ରକାଶ ଯେ, ରାସଗୋବିନ୍ଦପୁର ତହସିଲ ଅଞ୍ଚଳରୁ ବେଆଇନ ମାଟି ଉତ୍ତୋଳନ ହୋଇ ପଡ଼ୋଶୀ ଜିଲା ଓ ରାଜ୍ୟକୁ ଚାଲାଣ ହେଉଛି। ପଡ଼ୋଶୀ ଜିଲାରେ ସରକାରୀ ନିର୍ମାଣ କାର୍ଯ୍ୟ ନିମନ୍ତେ ଏକ ଘରୋଇ କମ୍ପାନୀ ରାସଗୋବିନ୍ଦପୁର ତହସିଲ ଅଞ୍ଚଳର ୮ଟି ସ୍ଥାନରୁ ମାଟି ଖନନ ପାଇଁ ମାଇନିଂ ବିଭାଗ ନିକଟରୁ ଅନୁମତି ନେଇଛି। ତେବେ ଉକ୍ତ କମ୍ପାନୀ ସେହି ୮ଟି ସ୍ଥାନ ସହିତ ଅନ୍ୟ ସ୍ଥାନରୁ ବେଆଇନ ଭାବେ ମାଟି ଖୋଳୁଛି। ଯାହାକୁ ନେଇ ପୂର୍ବରୁ ପ୍ରଶାସନ ଚଢ଼ାଉ କରି ଡମ୍ପର, ଜେସିବି ଜବତ କରିଛି। ତେବେ ପୁଣି ବେଆଇନ ମାଟି ଖନନ ହେଉଥିବା ଖବରପାଇ ଶୁକ୍ରବାର ଅପରାହ୍ନ ୩ଟାରେ ଅଧିକାରୀମାନେ ଏକ ବେସରକାରୀ ଗାଡ଼ିରେ ଯାଇ ଚଢ଼ାଉ କରିବା ସହ ୬ଟି ଡମ୍ପର ଓ ଗୋଟିଏ ଜେସିବି ଜବତ କରିଥିଲେ।

# କାର୍ଯ୍ୟଭାର ଗ୍ରହଣ କଲେ ନୂଆ ଅଧ୍ୟକ୍ଷ, ଉପାଧ୍ୟକ୍ଷା



ନୂତନ ଅଧକ୍ଷ ଓ ଉପାଧ୍ୟକ୍ଷାଙ୍କୁ ସ୍ୱାଗତ କରାଯାଉଛି।

## ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ

ବାରିପଦା,୨୪।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସାମଗ୍ରିକ ବିକାଶ ଓ ଜନଜାତିଙ୍କ କଳା-ସଂସ୍କୃତିର ସଂରକ୍ଷଣ ପାଇଁ ସରକାରଙ୍କ ଦ୍ୱାରା ନିଯୁକ୍ତ ଦେଇଥିବା ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂତନ ଅଧକ୍ଷ ଓ ଉପାଧ୍ୟକ୍ଷା ଆନୁଷ୍ଠାନିକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନୂତନ ଅଧକ୍ଷ ସାରସକଣା ପୂର୍ବତନ ବିଧାୟକ ଡାକ୍ତର ବୁଢାନ ମୁର୍ମୁ ଏବଂ ଉପାଧ୍ୟକ୍ଷା କୌଶଲ୍ୟା ନାଏକଙ୍କୁ ଦଳୀୟ କର୍ମୀ ଓ ସମର୍ଥକମାନେ ଏକ ବିଶାଳ ରାଲିରେ ବାରିପଦାସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରକୁ ପାଛୋଟି ଆଣିଥିଲେ। କାର୍ଯ୍ୟାଳୟ ପରିସରରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯିବା ପରେ ଉଭୟ ନିଜ ନିଜ ଆସନ ଅଳଂକୃତ କରିଥିଲେ।

କାର୍ଯ୍ୟଭାର ଗ୍ରହଣ ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅଧକ୍ଷ ଡା. ମୁର୍ମୁ କହିଛନ୍ତି ଯେ, ଜିଲାର ତଳସ୍ତରରେ ରହୁଥିବା ବଞ୍ଚିତ ଓ ପଛୁଆ ବର୍ଗର ଲୋକଙ୍କ ପାଖରେ ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନା ପହଞ୍ଚାଇବାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଆଦିବାସୀଙ୍କ ପାରମ୍ପରିକ ଜ୍ଞାନ, କଳା ଏବଂ ସଂସ୍କୃତିର ସୁରକ୍ଷା ପାଇଁ ପରିଷଦ ନିଷ୍ଠାର ସହ କାର୍ଯ୍ୟ କରିବ। ଜିଲାରେ ଥିବା ୪ଟି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସହ ଉତ୍ତମ ସମନ୍ୱୟ ରକ୍ଷା କରି ବିକାଶମୂଳକ କାର୍ଯ୍ୟକୁ ଆହୁରି ଗତିଶୀଳ କରାଯିବ। ସେହିପରି ଉପାଧ୍ୟକ୍ଷା କୌଶଲ୍ୟା ନାଏକ ମଧ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ଅବହେଳିତ ଲୋକଙ୍କୁ ସାମାଜିକ ଓ ଅର୍ଥନୈତିକ ମୁଖ୍ୟଧାରାରେ ସାମିଲ କରିବା ପାଇଁ ସଙ୍କଳ୍ପବଦ୍ଧ ବୋଲି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କର୍ମକର୍ତ୍ତା ଉପସ୍ଥିତ ରହି ନୂତନ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ହସ୍ତକ୍ଷେପ କଲେ ଜାତୀୟ ମାନବାଧିକାର କମିଶନ

ବାରିପଦା,୨୪।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣା**

- ମୁଖ୍ୟ ସଚିବ ଓ ମୟୂରଭଞ୍ଜ ଏସ୍‌ପିଙ୍କୁ ନୋଟିସ
- ୨ ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ କାକବନ୍ଧ ଆଶ୍ରମ ସ୍କୁଲ ହଷ୍ଟେଲରେ ଏପ୍ରିଲ ୧୪ ତାରିଖରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିଶନ ନିଜ ଆଡୁ ମାମଲା ରୁଜୁ କରିଛି। ଘଟଣାରେ ପୀଡ଼ିତମାନଙ୍କ ମାନବାଧିକାର ଉଲ୍ଲଂଘନ ସମ୍ପର୍କିତ ଗୁରୁତର ପ୍ରସଙ୍ଗ ଅଟେ ବୋଲି ଦର୍ଶାଯାଇଛି। ତେଣୁ ଏହି ମାମଲାରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କମିଶନ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ଏବଂ ମୟୂରଭଞ୍ଜ ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ନୋଟିସ ଜାରି କରିଛନ୍ତି। ଏହି ରିପୋର୍ଟ ଦୁଇ ସପ୍ତାହ ମଧ୍ୟରେ ଦେବାକୁ କୁହାଯାଇଛି ଏବଂ ଏଥିରେ ତଦନ୍ତର ସ୍ଥିତି ସହିତ ପୀଡ଼ିତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ସମ୍ମିଳିତ ଦେବାକୁ ନିର୍ଦ୍ଦେଶ ରହିଛି।

ସୂଚନାଯୋଗ୍ୟ, ବିଷାକ୍ତ ଖାଦ୍ୟ ଖାଇ ୧୨ ବର୍ଷୀୟ ଛାତ୍ରୀ ରୂପାଲି ବେଶ୍ରାର ମୃତ୍ୟୁ ଘଟିଥିବା ବେଳେ ୧୪୬ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ଆଶ୍ରମ ସ୍କୁଲ ଓ ହଷ୍ଟେଲ ଓଡ଼ିଶା ସରକାରଙ୍କ ଏସଟି ଓ ଏସସି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ। ଗଣମାଧ୍ୟମର ଖବର ଅନୁସାରେ ନିଜ ଆଡୁ ଏକ ମାମଲା ରୁଜୁ କରିଛନ୍ତି।

# ଜାତୀୟ ପଞ୍ଚାୟତିରାଜ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରାଇରଙ୍ଗପୁର,୨୪।୪ (ମାନସ ମହାନ୍ତି )

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ପରିସରରେ ୪୦ ଲକ୍ଷ ଟଙ୍କା ଅନୁଦାନରେ ନବ ନିର୍ମିତ ଶୀତତାପ ନିୟନ୍ତ୍ରିତ ଗୃହକୁ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ। ବିଡିଓ ନାରାୟଣୀ ପ୍ରିୟଦର୍ଶନୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ମାନୀତ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ,ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ ଏବଂ ଉପାଧ୍ୟା ମିନତି ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ଯୋଗ ଦେଇଥିଲେ। ବ୍ଲକ୍ କର୍ମଚାରୀମାନେ ପରିଚାଳନାରେ ସହାୟତା କରିଥିଲେ।

# ନୂତନ ଛାତ୍ରୀଛାତ୍ରଙ୍କ ଅନୁସ୍ଥାପନ କାର୍ଯ୍ୟକ୍ରମ



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

ବାରିପଦା,୨୪।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୂରବର୍ତ୍ତୀ ଏବଂ ଅନଲାଇନ ଶିକ୍ଷା କେନ୍ଦ୍ର (ସିଡିଓଇ) ଦ୍ୱାରା ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଅନୁସ୍ଥାପନ (ଇଣ୍ଡକ୍ସନ) କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପୁଷ୍ପାଞ୍ଜଳି ପରି ଯୋଗଦେଇ ମୟୂରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏଭଳି ଦୂରବର୍ତ୍ତୀ ଶିକ୍ଷା ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ପୋଷଣ କରିଥିଲେ। ସିଡିଓଇର ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଦୂରବର୍ତ୍ତୀ ଏବଂ ଅନଲାଇନ ଶିକ୍ଷାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ତଥ୍ୟ ରଖିବା ସହ ଏହି ଅନୁସ୍ଥାପନ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ପାଠ୍ୟକ୍ରମ ବିଷୟରେ ସଠିକ ଧାରଣା ଦେବ ବୋଲି କହିଥିଲେ। ପୁଣି କେନ୍ଦ୍ର ଦ୍ୱାରା ଦିଆଯାଉଥିବା ବିଭିନ୍ନ ସାର୍ଟିଫିକେଟ ଓ ଡିପ୍ଲୋମା ପାଠ୍ୟକ୍ରମରେ ମଧ୍ୟ ନାମ ଲେଖାଇବାକୁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସିଡିଓଇର ଅଧ୍ୟାପକ ଅଧ୍ୟାପିକା ଗଣ ଯଥା ସାମାଜିକ କାର୍ଯ୍ୟକ୍ରମ ବିଭାଗର ଡ. ସୁଜୟ କୁଣ୍ଡୁ, ଅର୍ଥନୀତି ବିଭାଗର ସୁଜାତା ମହାକୁ ଓଡ଼ିଆ ବିଭାଗର ଡ. ବିନ୍ଧେଶ୍ୱରୀ କଲିଆ, ସଂସ୍କୃତ ବିଭାଗର ଡ. ଦେବବ୍ରତ ପଣ୍ଡା ସବିଶେଷ ଆଲୋଚନା କରିଥିଲେ। କେନ୍ଦ୍ରର ଉପନିର୍ଦ୍ଦେଶକ ଡ. ପ୍ରତାପ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଇଂରାଜୀ ବିଭାଗର ଅଧ୍ୟାପିକା ଅଭିପ୍ସା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନୂତନ ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସିଡିଓଇର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

# ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ବନାନ ସଂଶୋଧନ

ବାରିପଦା,୨୪।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବ୍ଲକ୍, ତହସିଲ ଓ ଉପଖଣ୍ଡକୁ ମିଶାଇ ୫ଟି ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂଲିଶ ବନାନ ସଂଶୋଧନ ହେବାକୁ ଯାଉଛି। ଏହି କ୍ରମରେ କମିଟିର ସୁପାରିଶ ଅନୁଯାୟୀ ଜିଲାର ବେତନଟି,ଶାମାଖୁଣ୍ଟା ବ୍ଲକ ଓ ତହସିଲ, ମୋରଡା,ରାସଗୋବିନ୍ଦପୁର ବ୍ଲକ, ତହସିଲ ଏବଂ ପାଞ୍ଚପୀଢ଼ ଉପଖଣ୍ଡର ଇଂଲିଶ ନାମ ସଂଶୋଧନ ହେବ। ରାଜ୍ୟର ବିଭିନ୍ନ ଜିଲା, ଜିଲା ସଦର ମହକୁମା, ଉପଖଣ୍ଡ, ତହସିଲ ଏବଂ ବ୍ଲକ ଗୁଡ଼ିକର ସରକାରୀ ଭାବେ ବ୍ୟବହୃତ ଇଂଲିଶ ବନାନ ଯଦି ମୂଳ ଓଡ଼ିଆ ନାମର ଅପଭ୍ରଂଶ ହୋଇଥାଏ ତେବେ ସେଗୁଡ଼ିକର ମୂଳ ଓଡ଼ିଆ ନାମର ପୁନରୁଦ୍ଧାର ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପୂର୍ବରୁ ସାଧାରଣ ଜନତା ଏବଂ ଜନପ୍ରତିନିଧି ମାନଙ୍କଠାରୁ ପରାମର୍ଶ ତଥା ପ୍ରସ୍ତାବ ଆହ୍ୱାନ କରାଯାଇଥିଲା।

# ସିଭିଲ ସୋସାଇଟିର ଧାରଣା



ଧାରଣାରତ ସିଭିଲ୍ ସୋସାଇଟିର କର୍ମକର୍ତ୍ତାମାନେ।

ବେତନଟୀ,୨୪।୪ (ଧରଣୀଧର ମହାନ୍ତି)

ବେତନଟୀ ଚଣ୍ଡୀ ମନ୍ଦିର ଛକରେ ଗତି ରୋଧକ ହମ୍ପସ ନିର୍ମାଣ, ଗତି ନିୟନ୍ତ୍ରକ ସାଇନ ବୋର୍ଡ ଲଗାଇବା, ସିସିଟିଭି କ୍ୟାମେରା ଲଗାଇବା ସହ ଦୀର୍ଘ ବର୍ଷର ଅଚଳ ବିଦ୍ୟୁତ୍ ହାଇମାଷ୍ଟ ଆଲୋକକୁ କାର୍ଯ୍ୟକ୍ଷମ ଦାବିରେ ସିଭିଲ ସୋସାଇଟି ଧାରଣା ଦେଇଥିଲା। ସୋସାଇଟିର କାର୍ଯ୍ୟକାରୀ ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ନେତୃତ୍ୱ ତଥା ଯୁଗ୍ମ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୩ ଓ ୨୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଗଣଧାରଣାରେ ଦୈନିକ ଶତାଧିକ ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ, ରାଜନୈତିକ ନେତୃବୃନ୍ଦ, ବୁଦ୍ଧିଜୀବୀ, ସାମ୍ବାଦିକ, ଶିକ୍ଷାବିତ ଯୋଗଦେଇ ଦାବିଗୁଡ଼ିକୁ ସମର୍ଥନ କରିଥିଲେ ।

ଦ୍ୱିତୀୟ ଦିବସରେ ନାରୀନେତ୍ରୀ ମାଧବୀ ସେନାପତି, ରାଜନେତା ଯାମିନୀ କାନ୍ତ ନାଏକ, ଭାସ୍କର ଚନ୍ଦ୍ର ଦ୍ୱିବେଦୀ ଓ ଯତୀନ୍ଦ୍ରନାଥ ସାହୁ, ବରିଷ୍ଠ ନାଗରିକ ଗୌତମ ଚନ୍ଦ୍ର ବେହେରା, କବି ସଙ୍ଗମ ସଭାପତି, ବାସୁଦେବ ନାପିତ, ସାମାଜିକ କର୍ମୀ ପ୍ରକାଶ ବେହେରା, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦାବିପ୍ରତି ସମର୍ଥନ ଜଣାଇବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ଥାନୀୟ ବିଡିଓ ସୁଶାନ୍ତ କୁମାର ସୁତାର, ଥାନା ଭାରପ୍ରାପ୍ତ ଅଧିକାରୀ କ୍ରିଷ୍ଣା ପିଙ୍ଗୁଆ ଓ ପୂର୍ତ୍ତ ବିଭାଗ ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦ ମହାନ୍ତି ଧାରଣାସ୍ଥଳକୁ ଯାଇ ସମସ୍ତ ଦାବି ଯୁକ୍ତିଯୁକ୍ତ ଓ ଜନହିତକାରୀ ବୋଲି ବର୍ଣ୍ଣନା କରି ଅବିଳମ୍ବେ ସେସବୁ ପୂରଣ କରିବା ଲାଗି ନିର୍ଭର ପ୍ରତଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ହାକାଥନରେ କମାଲ କଲେ ଛାତ୍ରୀଛାତ୍ର

ବାରିପଦା,୨୪।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ବାରିପଦାସ୍ଥିତ ଶ୍ରୀ ମା’ ମହିଳା ମହାବିଦ୍ୟାଳୟ ପରିସରରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଷ୍ଟାର୍ସ ପ୍ରୋଗ୍ରାମ ଅଧୀନରେ ‘ଜିଲାସ୍ତରୀୟ ଓଡ଼ିଆ ପ୍ରେନିଅର୍ ୩.୦ -ଏ ସ୍ମାର୍ଟ ଓଡ଼ିଶା ହାକାଥନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱର ଦ୍ୱାରା ମନୋନୀତ ୨୧ଟି ଅଭିନବ ପ୍ରକଳ୍ପକୁ ନେଇ ଛାତ୍ରୀଛାତ୍ରମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଆଇଆଇଟି ଭୁବନେଶ୍ୱର ତରଫରୁ ଇଞ୍ଜିନିୟର ସୌମ୍ୟରଞ୍ଜନ ମିଶ୍ର, ବାଜାରସାଇଡ ପ୍ରାଇଭେଟ ଲିମିଟେଡର ପ୍ରତିଷ୍ଠାତା ପୀତାମ୍ବର ସାହୁ ଏବଂ ମୟୂରଭଞ୍ଜ ଚାମ୍ବର ଅଫ କମର୍ସର ସଭାପତି ରୋଟାରିଆନ ନୀରଜ କୁମାର ପାଣ୍ଡା ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ।

ଉଦଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉତ୍ତର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ମୟୂରଭଞ୍ଜର ଡେପୁଟି ସେକ୍ରେଟାରୀ ରାଜେଶ କୁମାର ପ୍ରଧାନ, ମୁଖ୍ୟ ବକ୍ତା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବାରିପଦାର ଏମସିଏ ବିଭାଗୀୟ ମୁଖ୍ୟ ପ୍ରଫେସର ଏମ. ହେମାବିନ୍ଦୁ, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଓ ମହାବିଦ୍ୟାଳୟର ଅଧକ୍ଷା ମିନାକ୍ଷୀ ମହାନ୍ତି ଯୋଗ ଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଓଏଭି ଗରୁଡ଼ବସା ଛାତ୍ରୀ ଦିବ୍ୟାଂଶୀ ଦାଶ ଓ ଟିମଙ୍କ ଏଆଇ- ଚାର୍ଟବଟ ପ୍ରକଳ୍ପ, ଓଏଭି ସାନଶୋଳ ଶାମାଖୁଣ୍ଟାର ତନ୍ମୟ ପୁଥାଲଙ୍କ ଅଟୋ ଗାର୍ଡ ଏକ୍ସ ପ୍ରକଳ୍ପ ଓ ଚାନ୍ଦୁଆ ଓଏଭି କୁଲିଅଣାର ଜୟନ୍ତ କୁମାର ମହାନ୍ତଙ୍କ ଫଲ୍ଡ ଏକ୍ସ ପ୍ରକଳ୍ପ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ଅତିଥିମାନଙ୍କଠାରୁ ମାନ ପତ୍ର ଓ ନଗଦ ପୁରସ୍କାର ରାଶି ୨୦୦୦୦, ୧୫୦୦୦ ଓ ୧୦୦୦୦ ଟଙ୍କା ଗ୍ରହଣ କରିଥିଲେ। ଏହା ବ୍ୟତୀତ ଓଏଭି ଗରୁଡ଼ବସାର ଜ୍ୟୋତି କୁମାରୀ ସାହୁର ୱେଷ୍ଟ ମ୍ୟାନେଜମେଣ୍ଟ ପ୍ରକଳ୍ପ ଏବଂ ସିପି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସୋନାଲି ପାତ୍ରଙ୍କ କାଇ ପିମ୍ପୁଡି ପ୍ରକଳ୍ପ ମଧ୍ୟ ଶ୍ରେଷ୍ଠ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲା। ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ମନୋନୀତ ହୋଇଥିବା ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକ ଆଗକୁ ରାଜ୍ୟସ୍ତରୀୟ ହାକାଥନରେ ମୟୂରଭଞ୍ଜ ଜିଲାର ପ୍ରତିନିଧିତ୍ୱ କରିବ ବୋଲି ଘୋଷଣା କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ଏହି ସଫଳତା ପାଇଁ ସମସ୍ତ ଛାତ୍ରୀଛାତ୍ର ଓ ଗାଇଡ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ପ୍ରଦର୍ଶନୀରେ ଶିକ୍ଷକ ମନୋଜ କୁମାର ପାତ୍ର, ମନୋଜ କୁମାର ପରିଡ଼ା, ଅଜିତ୍ କୁମାର ମହାନ୍ତି, ଭିଷ୍ମଦେବ ମହାନ୍ତ, ବସନ୍ତ କୁମାର ଦତ୍ତ, ଶିକ୍ଷୟିତ୍ରୀ ଅତସୀ କୁଣ୍ଡୁ, ମୌସୁମୀ ଦୀକ୍ଷିତ ଓ ଦେବଦର୍ଶୀ ପ୍ରସାଦ କର, କନିଷ୍ଠ ସହାୟକଙ୍କ ସମେତ ଉକ୍ତ ମହାବିଦ୍ୟାଳୟର ସମସ୍ତ ଅଧକ୍ଷ ଓ ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସୁବର୍ଣ୍ଣରେଖାରୁ ମିଳିବ ପାନୀୟ ଜଳ

## ଅମୃତ ଯୋଜନାରେ ୩୩.୭୮ କୋଟିର ମାଷ୍ଟରପ୍ଲାନ୍ ପ୍ରସ୍ତୁତ


ସମୀକ୍ଷା ବୈଠକରେ ବିଧାୟକ ଅଶ୍ୱିନୀ ପାତ୍ର ଓ ଅନ୍ୟ ଅଧିକାରୀମାନେ।

**ଜଳେଶ୍ୱର, ୨୪।୪(ନବୀନ ସାହୁ):**

ବାଲେଶ୍ୱର ଜିଲା ଜଳେଶ୍ୱର ସହରବାସୀଙ୍କ ପାଇଁ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ହେବାକୁ ଯାଉଛି। ବର୍ଦ୍ଧିତ ଜନସଂଖ୍ୟା ଓ ଜଳର ଚାହିଦାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ଅମୃତ ୨.୦ ଯୋଜନାରେ ଏକ ବୃହତ୍ ଜଳଯୋଗାଣ ପ୍ରକଳ୍ପ ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି। ସୁବର୍ଣ୍ଣରେଖା ନଦୀର ପୃଷ୍ଠଜଳକୁ ବିଶୁଦ୍ଧ କରି ସହରର କୋଣ ଅନୁକୋଣରେ ପହଞ୍ଚାଇବାକୁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁରୁବାର ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଆହ୍ୱାନରେ ପୌରପରିଷଦ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ପବ୍ଲିକ ହେଲ୍ଥ ବିଭାଗର ଏସ୍ଇ ନବୀନ ସିଂ ଏବଂ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓମପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ଏବେ ସୁବର୍ଣ୍ଣରେଖା ନଦୀର ଜଳକୁ ବ୍ୟବହାର କରାଯିବ। ବର୍ତ୍ତମାନର ୪.୩୮ ଏମ୍ଏଲ୍ଡି ଚାହିଦା ବଦଳରେ ୨୦୫୫ ମସିହାର ସମ୍ଭାବ୍ୟ ୧୨.୫୦ ଏମ୍ଏଲ୍ଡି ଚାହିଦାକୁ ଆଧାର କରି ଏହି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ନଦୀରେ ୮ ମିଟର ବ୍ୟାସର ଇଣ୍ଟେକ୍ କୂପ ଏବଂ ୧୨ ଏମ୍ଏଲ୍ଡି କ୍ଷମତା ବିଶିଷ୍ଟ ଜଳ ବିଶୋଧନ ପ୍ଲାଣ୍ଟ ସ୍ଥାପନ ହେବ। ସମଗ୍ର ପୌରାଞ୍ଚଳକୁ ୫ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଏଠାରେ ୫ଟି ଉଚ୍ଚ ସ୍ଥାନୀୟ ଜଳଭଣ୍ଡାର ନିର୍ମାଣ ହେବ। ଯାହାର ସର୍ବାଧିକ କ୍ଷମତା ୧୦୦୦ କେଏଲ୍ ରହିବ। ଜଳର ପ୍ରବାହ ଓ ପରିମାଣ ଉପରେ ନଜର ରଖିବାକୁ ପିଏଲ୍ସି ଓ ଏସ୍ସିଏଡିଏ ଭଳି ଅତ୍ୟାଧୁନିକ ସ୍ୱୟଂଚାଳିତ ବ୍ୟବସ୍ଥା ଲାଗୁ ହେବ। ପ୍ରାୟ ୩୩.୭୮ କୋଟି ଟଙ୍କାର ଏହି ମେଗା ପ୍ରକଳ୍ପ ପାଇଁ ବିସ୍ତୃତ ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ଇଣ୍ଟେକ୍ କୂପ ଓ ବିଶୋଧନ ପ୍ଲାଣ୍ଟ ପାଇଁ ୨୪.୨୪ କୋଟି ଏବଂ ୧୨.୨୬ କି.ମି. ଲମ୍ବର ପାଇପଲାଇନ ବିଛାଇବା ପାଇଁ ୯.୫୪କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପାଇପ୍ଲାଇନ ବିଛାଇବା ସମୟରେ ରେଲୱେ କ୍ରସିଂ ଭଳି ଜଟିଳ ବୈଷୟିକ କାର୍ଯ୍ୟ ମଧ୍ୟ ସମ୍ପାଦନ କରାଯିବ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଜଳେଶ୍ୱର ସହରରେ ଆଗାମୀ ୩୦ବର୍ଷ ପର୍ଯ୍ୟନ୍ତ ପାନୀୟଜଳର ସଙ୍କଟ ଦୂର ହେବ। ସହରବାସୀଙ୍କୁ ବିଶୁଦ୍ଧ ଓ ନିରନ୍ତର ଜଳ ଯୋଗାଇ ଦେବା ପାଇଁ ପ୍ରଶାସନ ଖୁବଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖିଛି ବୋଲି ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା।

# ପେସାରେ ଫାର୍ମାସିଷ୍ଟ, ନିଶା ପରିବେଶ ସେବା


ସହଯୋଗୀମାନଙ୍କ ସହିତ ବଗିଚା କାମ କରୁଛନ୍ତି ରତୀନ୍ଦ୍ର।

## ପ୍ରକୃତିର ଉପାସକ ରତୀନ୍ଦ୍ର

ବାଲିଆପାଳ, ୨୪।୪(ରାଜଶ୍ରୀ ପାଣିଗ୍ରାହୀ):

ପେସାରେ ସେ ଜଣେ ଫାର୍ମାସିଷ୍ଟ, ହେଲେ ପରିବେଶ ପ୍ରତି ରହିଛି ତାଙ୍କର ଅହେତୁକ ଦୁର୍ବଳତା। ପରିବେଶକୁ ଶସ୍ୟଶ୍ୟାମଳା ବନାନୀ ରୂପ ଦେବାରେ ସେ ପାରଙ୍ଗମ। ଏଭଳି ଜଣେ ପ୍ରକୃତିର ଉପାସକ ହେଲେ ରତୀନ୍ଦ୍ର ନାରାୟଣ ପରିଡା।

୧୯୯୧ ମସିହାରେ ସ୍କୁଲ ବାରଣ୍ଡାରେ ଗଢିଉଠିଥିଲା ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଘଣ୍ଟୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। । ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଶଧର ପ୍ରଧାନ, ଗ୍ରାମର ମୁଖିଆ ନିରଞ୍ଜନ ପ୍ରଧାନ, ଗ୍ରାମବାସୀ ଯୁଗେନ୍ଦ୍ର ନାୟକ, ଗଜେନ୍ଦ୍ର ପ୍ରଧାନ, କାଳୀଚରଣ ବେହେରା ବିଜୟ କୁମାର ପ୍ରଧାନଙ୍କ ପ୍ରଚେଷ୍ଟାରେ ୧୯୯୩ ରେ ଏହାର ନବୀକରଣ କରାଯାଇଥିଲା। ସେହି ସମୟରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟଭାର ନେଇଥିଲେ ରତୀନ୍ଦ୍ର ନାରାୟଣ ପରିଡା। ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିସରରେ ଏକ ସୁନ୍ଦର ବାତାବରଣ ଗଢ଼ି ତୋଳିବାକୁ ସେ ସ୍ୱପ୍ନ ଦେଖିଥିଲେ। ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସେବା ସହ ରୋଗ ମୁକାବିଲା ପାଇଁ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା ଓ ସରକାରଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିବାରେ ଫାର୍ମାସିଷ୍ଟଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। କିନ୍ତୁ ରୋଗୀ ଦେଖି ଔଷଧ ବାଣ୍ଟିବା ପରି କର୍ମମୟ ଜୀବନରୁ ବାହାରି ଅବଶିଷ୍ଟ ସମୟ ପ୍ରକୃତିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାରେ ତାଙ୍କ ସ୍ୱପ୍ନ ପୂରଣ ହୋଇଛି। ରୋଗୀଙ୍କୁ ଇଞ୍ଜେକଶନ, ମେଡିସିନ ବାଣ୍ଟି ସାରିବା ପରେ କୋଡି, କଇଚି କୋଦାଳ, ପାଣିପାଇପ ଧରି ଲାଗିପଡ଼ନ୍ତି ବଗିଚା କାମରେ। ବିଭିନ୍ନ କିସମର ଫୁଲ, ଫଳରେ ଭର୍ତ୍ତି ଏହି ହସ୍ପିଟାଲ ପରିସର। ରାସ୍ତାରେ ଯାଉଥିବା ଲୋକେ ମଧ୍ୟ ଅଟକି ଯାଆନ୍ତି ଏହାର ଅନନ୍ୟ ରୂପ ଗାରିମାକୁ ଦେଖି। ପରିତ୍ୟକ୍ତ ଜଙ୍ଗଲକୁ ନିଜ ହାତରେ ସଫା କରିଥିଲେ ଫାର୍ମାସିଷ୍ଟ। ସେତେବେଳେର ଆୟୁଷ ଡାକ୍ତର ତୁହିନା ତ୍ରିପାଠୀ, ଏନଏମ ବିନିତା ସାମନ୍ତ, ଶମ୍ଭୁନାଥ ବଡୁ ଓ ଆରଡି ବିଭାଗର ପକ୍ଷରୁ ଆର୍ଥିକ ସହାୟତା ମିଳିଥିଲା। ପ୍ରଥମେ ସୂର୍ଯ୍ୟମୁଖି ଫୁଲ ଏବଂ ପୋଇ ଚାଷ କରି କିଛି ଅର୍ଥ ମଧ୍ୟ ଉପାର୍ଜନ କରାଯାଇଥିଲା। ବାଲିଆପାଳ, ବସ୍ତା, ଜଳେଶ୍ୱର ଭୋଗରାଇ ବ୍ଲକରୁ ଶହ ଶହ ଲୋକ ସେବା ଏବଂ ସୌନ୍ଦର୍ଯ୍ୟରେ ଭରା ପରିବେଶରେ ମାନସିକ ଶାନ୍ତି ପାଇଁ ଛୁଟି ଆସିଥାନ୍ତି। ଏହାବ୍ୟତୀତ ସେଲ୍ଫି ଏବଂ ଆଲବମ୍ ସୁଟିଂର ପଏଣ୍ଟ ପାଲଟିଛି ଏହି ସ୍ୱାସ୍ଥ୍ୟ କେନ୍ଦ୍ର। ଏଭଳି ପଦକ୍ଷେପ ଯୁବ ସମାଜକୁ ପ୍ରେରଣାର ବାର୍ତ୍ତା ବାଣ୍ଟିବା ସହିତ ବିଭିନ୍ନ ମହଲରୁ ପ୍ରଶଂସା ସାଉଁଟିଛନ୍ତି ଫାର୍ମାସିଷ୍ଟ। ଏବେ କାର୍ଯ୍ୟରତ ଥିବା ଆୟୁଷ ଡାକ୍ତର ତପନ ଜେନା ଓ ସହକର୍ମୀ ଯୁଗେଶ୍ୱର ବେହେରା, ଉର୍ମିଳା ଜେନା, ରାକେଶ ଦାସ, ଜଗବନ୍ଧୁ ଜେନା ପ୍ରମୁଖ ହସ୍ପିଟାଲର ଉନ୍ନତି ଦିଗରେ ସହଯୋଗ କରୁଛନ୍ତି।

# ଦୁର୍ଘଟଣା ଦେଖିବାକୁ ଯାଇ ମୃତ୍ୟୁର ଶିକାର ହେଲେ ବାଇକ୍ ଚାଳକ

**ନୀଳଗିରି, ୨୪।୪(ପ୍ରଶାନ୍ତ କୁମାର ବିଶ୍ୱାଳ):**

ଶେରଗଡ ଝରଣାଘାଟୀ ୧୯ ନଂ. ରାଜ୍ୟ ରାଜପଥର ଆମ୍ବୁଡିହା ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ରେମୁଣା ବ୍ଲକ ନରହରିପୁର ଗ୍ରାମର ସ୍ୱପ୍ନିଧର ବାରିକ(୫୨) କୌଣସି କାମରେ ଆମ୍ବୁଡିହା ଛକକୁ ଆସିଥିଲେ। ୨ ଜଣ ଡାକ୍ତର ଦମ୍ପତି ଏକ କାରରେ ଶେରଗଡ ଅଭିମୁଖେ ଯାଉଥିଲେ। ଏହି ସମୟରେ ରାସ୍ତାର ଅପରପାର୍ଶ୍ୱରେ ଏକ ଟ୍ରକ ଦୁର୍ଘଟଣା ହୋଇଥିବା ବେଳେ ତାହାକୁ ଦେଖି ଉଭୟ କାର ଓ ବାଇକରେ ଯାଉଥିବା ସ୍ୱପ୍ନିଧରଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସଙ୍ଗେସଙ୍ଗେ ଉଭୟ ଡାକ୍ତର ଦମ୍ପତି ସେଠାରେ ବାଇକ ଚାଳକଙ୍କୁ ଆଶୁଚିକିତ୍ସା ଦେବା ସହ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ଓଲଟିଲା ତୀର୍ଥଯାତ୍ରୀ ବସ୍, ୪ ଗୁରୁତର



ବାହାନଗା, ୨୪।୪(ଅରୂପ କୁମାର ଦାସ): ବାଲେଶ୍ୱର ଜିଲା ଖନ୍ତାପଡା ଥାନା ୧୬ନମ୍ବର ଜାତୀୟ ରାଜପଥ ଶେରଗଡ଼ଠାରେ ଏକ ତୀର୍ଥଯାତ୍ରୀ ବସ୍ ଓଲଟି ପଡିବାରୁ ୧୯ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ପ୍ରଥମେ ଆହତମାନଙ୍କୁ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଏହି ବସ୍ (ନଂ. କେଏଲ ୬୩ ବି ୩୫୪୨) ଆସାମରୁ କେରଳ ଅଭିମୁଖେ ଯାଉଥିଲା। ଖବରପାଇ ଖନ୍ତାପଡା ଆଇଆଇସି ଅନୁରାଗ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଦୁର୍ଘଟଣାଗ୍ରସ୍ତ ତୀର୍ଥଯାତ୍ରୀ ବସ୍‌କୁ ରାସ୍ତାରୁ ଉଠାଇ ଥାନାକୁ ଆଣି ଜବତ କରିଛି। ସମ୍ପୃକ୍ତ ବସ ଡ୍ରାଇଭରଙ୍କୁ ଅଟକ ରଖାଯାଇଛି।

# ବୌଦ୍ଧିକ ବିକାଶ ପାଇଁ ଛାତ୍ରୀଛାତ୍ରଙ୍କୁ ୫ ଦିନିଆ ପ୍ରଶିକ୍ଷଣ


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ।

**ଭୋଗରାଇ, ୨୪।୪(ପ୍ରଦୀପ ଦାସ):**

ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ, ଶୃଙ୍ଖଳା, ଖେଳକୁଦ ଓ ବୌଦ୍ଧିକ ବିକାଶ ନିମନ୍ତେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେବ ଇଣ୍ଟରନ୍ୟାଶନାଲ ସ୍କୁଲର ୫ ଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଶେଷ ହୋଇଛି । ଏହି ଶିବିରକୁ ଉକ୍ତ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଦେବାଶିଷ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ଗୁରୁମା ଗୁରୁଜୀମାନେ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ କଳା କୌଶଳ ପ୍ରଦର୍ଶନ ସହିତ ବୌଦ୍ଧିକ ବିକାଶ ନିମନ୍ତେ ପ୍ରଶିକ୍ଷକଙ୍କଠାରୁ ଶିକ୍ଷଲାଭ କରିଥିଲେ। ଶିବିରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସାର୍ଟିଫିକେଟ ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଶିବିରରେ ଶତାଧିକ ଅଭିଭାବକ ଯୋଗଦେଇ ନିଜ ଝିଅ ପୁଅମାନଙ୍କୁ ଚରିତ୍ର ଗଠନ, ଶୃଙ୍ଖଳା ଓ ସଂଯମ ବିଷୟରେ ଆଲୋକପାତ କରିଥିଲେ।

# 'ପୋଥି ଆମ ସାଂସ୍କୃତିକ ସ୍ମୃତିର ମୂଲ୍ୟବାନ୍ ଭଣ୍ଡାର'


କର୍ମଶାଳାରେ ଉପସ୍ଥିତ ଛାତ୍ରୀ ଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ ବୁଦ୍ଧିଜୀବୀ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପୋଥି ସମ୍ପାଦନା କର୍ମଶାଳା

**ବାଲେଶ୍ୱର, ୨୪।୪(ବାଞ୍ଛାନିଧି ଦେ):**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ତଥା ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ସହଭାଗିତାରେ ଦ୍ୱି-ଦିବସୀୟ 'ପୋଥି ସମ୍ପାଦନା କର୍ମଶାଳା' ଶୁକ୍ରବାର ଶୁଭାରମ୍ଭ ହୋଇଛି। ବିଭାଗ ମୁଖ୍ୟ ଓ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଦେବାଶିଷ ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରି ପୋଥି ସମ୍ପାଦନାର ଆବଶ୍ୟକତା, ପାଠାନୁଶୀଳନ ଓ ଗବେଷଣାମୂଳକ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ପୋଥି ଆମ ସାଂସ୍କୃତିକ ସ୍ମୃତିର ମୂଲ୍ୟବାନ ଭଣ୍ଡାର। ବୈଜ୍ଞାନିକ ପଦ୍ଧତି ସାହାଯ୍ୟରେ ଏହାର ସମ୍ପାଦନା ଦ୍ୱାରା ଭାଷା ଓ ସାହିତ୍ୟର ଐତିହ୍ୟକୁ ସୁରକ୍ଷିତ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ପୋଥି ସଂଗ୍ରହ, ସଂରକ୍ଷଣ ଓ ଗବେଷଣାର ଅନ୍ତଃଶାସ୍ତ୍ରୀୟ ମାନକୁ ଉଲ୍ଲେଖ କରିଥିଲେ। ବରିଷ୍ଠ ସଂଯୁକ୍ତ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ପୋଥି ପାଠ ଓ ସମ୍ପାଦନାର ପ୍ରାୟୋଗିକ ପଦ୍ଧତି ସମ୍ପର୍କରେ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୋଥି ସମ୍ପାଦନାର ଐତିହାସିକ ପରମ୍ପରା, ପାଠ ସଂଶୋଧନ ପ୍ରଣାଳୀ ଓ ଆଧୁନିକ ପ୍ରବନ୍ଧନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଶତାଧିକ ଛାତ୍ରୀଛାତ୍ର ଓ ଗବେଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବୈଷୟିକ ଅଧିବେଶନଗୁଡ଼ିକରେ ପୋଥିର ଇତିହାସ, ବିକାଶ, ତଥା ସମ୍ପାଦନାର ବିଭିନ୍ନ ସୋପାନ ସମ୍ପର୍କରେ ଗଭୀର ଚର୍ଚ୍ଚା ହୋଇଥିଲା। ବିଶ୍ୱବିଦ୍ୟାଳୟରେ ରହିଥିବା ଶତାଧିକ ପୋଥିର ସମ୍ପାଦନାକୁ ଗତିପଥ ପ୍ରଦାନ କରିବା ସହ ଭାଷା ଓ ସାହିତ୍ୟଭିତ୍ତିକ ସଂରକ୍ଷଣର ନୂତନ ସମ୍ଭାବନା ସୃଷ୍ଟି କରିବା ଏହି କର୍ମଶାଳାର ପ୍ରମୁଖ ଲକ୍ଷ୍ୟ। ଡ. ଜୟନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ସଭା, ସମ୍ବର୍ଦ୍ଧନା ସାଙ୍ଗକୁ ଓଡ଼ିଶୀ ନୃତ୍ୟରେ ମଜ୍ଜିଲେ ଦର୍ଶକ

## ସରିଲା ଅନ୍ତରା ମହୋତ୍ସବ

**ଖଇରା, ୨୪।୪(ଉତ୍କଳବନ୍ଧୁ ପଣ୍ଡା):**


ଆଦ୍ୟାଶା ଗ୍ରୁପ ସଦସ୍ୟଙ୍କ ଓଡିଶୀ ନୃତ୍ୟ ପରିବେଷଣ।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ହାଇସ୍କୁଲ ପଡିଆରେ ଚାଲିଥିବା ତୃତୀୟ ଅନ୍ତରା ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ସଭା, ସମ୍ବର୍ଦ୍ଧନା ସାଙ୍ଗକୁ ଭୁବନେଶ୍ୱର ଆଦ୍ୟାଶା ଗ୍ରୁପ ଦ୍ୱାରା ପରିବେଷିତ ଓଡିଶୀ ନୃତ୍ୟର ତାଳେ ତାଳେ ଉଦଯାପିତ ହୋଇ ଯାଇଛି। ତ୍ରିଲୋଚନ ଉପାଧ୍ୟାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ମହୋତ୍ସବ ନିଜ ଅଞ୍ଚଳର କଳା ଓ ସଂସ୍କୃତିକୁ ଲୋକାଭିମୁଖୀ କରିଥାଏ ବୋଲି ଉଲ୍ଲେଖ କରିଥିଲେ। ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର କୁମାର ଦାସ, ଶିକ୍ଷକ ନଟବର ମହାପାତ୍ର, ବନ୍ଧଗାଁ ସରପଞ୍ଚ ନିରୋଦ ରାଉତ ଓ ସମିତିସଭ୍ୟ ଚନ୍ଦ୍ରକାନ୍ତ ମହାପାତ୍ର, ଆମ୍ବରୋଳି ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ଦାଶ, ସୁଦାମ ପ୍ରଧାନ, ସରୋଜ ବିଶ୍ୱାଳ, ରତ୍ନାକର ଶୁକ୍ଳ, ରଘୁନାଥ ଦାଶ, ପ୍ରମୋଦ ଦାଶ ଓ ଗଣେଶ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥାପକ ବସନ୍ତ ବିଶ୍ୱାଳ ଓ ଉପସ୍ଥାପିକା ଅଭିଲିପ୍ସା ଉପାଧ୍ୟାୟ, ରଶ୍ମିରଞ୍ଜନ ମହାପାତ୍ର, କନକଲତା ବିଶ୍ୱାଳ, ରଘୁନାଥ ଦାସ, ଜ୍ୟୋତିରଞ୍ଜନ ପଣ୍ଡା, ମାୟାଧର ଜେନା, କାହ୍ନୁଚରଣ କୁଅଁର ଏବଂ ଗଣମାଧ୍ୟମ ପ୍ରତିନିଧି ଅନାମ ଚରଣ ପଣ୍ଡା, ଆନନ୍ଦ ବେହେରା ଓ ଉତ୍କଳବନ୍ଧୁ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ମହତୀପୁର ପଡିଆରେ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଜବରଦଖଲ ଯୋଗୁ ପଡିଆ ସଙ୍କୁଚିତ ହେଉଥିବା ନେଇ କମିଟିର କର୍ମକର୍ତ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

# ଚାଷଜମି ଅଧିଗ୍ରହଣକୁ ଚାଷୀଙ୍କ ବିରୋଧ


ସ୍ମାରକପତ୍ର ଦେବାକୁ ଆସିଥିବା ଚାଷୀମାନେ।

## ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ବାଲେଶ୍ୱର, ୨୪।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ):

ପ୍ରସ୍ତାବିତ ନୂତନ ଶିଳ୍ପ ପ୍ରତିଷ୍ଠାନ ପାଇଁ ବାଲେଶ୍ୱର ଜିଲା ବସ୍ତା ବ୍ଲକ ମୁକୁଳିଶି ପଞ୍ଚାୟତ ରେଣୁପଦା, ବରଡ଼ା ଏବଂ କୁଳିଦା ପଞ୍ଚାୟତର ଜୁଣବଳଦା ଓ ତେନ୍ତୁଳଦା ମୌଜାରେ ଇଡ୍‌କୋ ପକ୍ଷରୁ ଅବୈଧ ଉପାୟରେ ଚାଷ ଜମି ଅଧିଗ୍ରହଣ କରାଯାଇଛି। ଏହାର ପ୍ରତିବାଦରେ ସମ୍ପୃକ୍ତ ୨ଟି ପଞ୍ଚାୟତର ଚାଷୀମାନେ ଶୁକ୍ରବାର ଜିଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ ନିୟମ ଅନୁସାରେ ଜମି ଅଧିଗ୍ରହଣ ପୂର୍ବରୁ ଜମି ହରାଇଥିବା ଲୋକଙ୍କ ସହ ପରାମର୍ଶ କରିବା ଏବଂ ସେମାନଙ୍କ ମତାମତ ନେବା କଥା। ମାତ୍ର ଇଡକୋ ପକ୍ଷରୁ ଏହା କରାଯିବା ପରିବର୍ତ୍ତେ ଜମି ଦଲାଲଙ୍କ ଦ୍ୱାରା ଅବୈଧ ଉପାୟରେ ଜମି ଅଧିଗ୍ରହଣ କରିବାକୁ ଉଦ୍ୟମ କରାଯାଇଛି। ପ୍ରକୃତରେ ଜମି ହରାଇବାକୁ ଥିବା ଅଧିକାଂଶ ଚାଷୀଙ୍କ ପାଖରେ ପର୍ଯ୍ୟାପ୍ତ ଚାଷଜମି ନାହିଁ। ଯାହା ଅଳ୍ପ କିଛି ଜମି ରହିଛି, ତାହା ପରିବାର ପ୍ରତିପାଳନ କରିବାର ଏକମାତ୍ର ଜୀବିକା। ତେଣୁ ଉପରୋକ୍ତ ପଞ୍ଚାୟତର ଚାଷୀମାନେ ଇଡକୋର ଅବୈଧ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ବିରୋଧ କରିଛନ୍ତି। ସେମାନଙ୍କ ଚାଷ ଜମି ଉପରେ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରା ନ ଯିବା ଦାବିରେ ଶୁକ୍ରବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ଉତ୍ତମ କୁମାର ଗିରି, ସୁଶାନ୍ତ କୁମାର ଗିରି ଓ ଝରଣା ସାମଲଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

# ଜୟ ସିଙ୍ଗଲ ବାବା ମୟୂରଭଞ୍ଜ ଦଳ ଚାମ୍ପିୟନ

## ଏବିସି ମେମୋରିଆଲ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବାଲିଆପାଳ, ୨୪।୪(ଗୋପାଳ ଚନ୍ଦ୍ର ସାହୁ):**


ବସ୍ତା ବିଧାୟିକା ସୁବାସିନୀ ଜେନା ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି।

ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ଅଧୀନ ମଝିପଡା ଖେଳପଡିଆରେ ୨ ଦିନ ଧରି ଚାଲିଥିବା ଏବିସି ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଗୁରୁବାର ଫାଇନାଲ ଖେଳରେ ବାଚାରା ବାୟା ଏଫ୍‌ସି ଦଳକୁ ହରାଇ ଜୟ ସିଙ୍ଗଲ ବାବା ମୟୂରଭଞ୍ଜ ଦଳ ଚାମ୍ପିୟନ ହୋଇଛି। ଏହି ଅବସରରେ ଖବରଦାତା ଗୋପନାରାୟଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଖିରା ପଞ୍ଚାୟତର ପୂର୍ବତନ ସରପଞ୍ଚ ମନ୍ମଥ କୁମାର ମାଣିକ, ସପନ କୁମାର ଦାସ, ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ବାଲିକୁଦ ଆଦିବାସୀ ସାହି ମୁଖ୍ୟ ଭୀମ ହେମ୍ବ୍ରମ, ଯୁବନେତା ଗୌରାଙ୍ଗ ଦାସ, ପପୁ ଦାସ, ରାଜୁ ଜେନାଙ୍କ ସହିତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ। ଏବିସି କ୍ଲବ୍ ର ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ବରଦାନ ସାଜିଛି ଟିପିଏନ୍‌ଓଡିଏଲ୍‌ର ଭ୍ରାମ୍ୟମାଣ ଆମ୍ବୁଲାନ୍ସ

- ମାଗଣାରେ ମୌଳିକ ସ୍ୱାସ୍ଥ୍ୟସେବା, ଔଷଧ
- ୫ ଜିଲାରେ ୧ଲକ୍ଷ ୭୦ ହଜାରରୁ ଅଧିକ ଲୋକ ଉପକୃତ

**ବାଲେଶ୍ୱର, ୨୪।୪(ବାଞ୍ଛାନିଧି ଦେ):**


ଏକ ସ୍ୱାସ୍ଥ୍ୟ ଶିବିରରେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା, ସାମାଜିକ ଦାୟିତ୍ୱବୋଧତା ତଥା ସିଏସଆର ବିନିଯୋଗ କ୍ଷେତ୍ରରେ 'ଟିପିଏନଓଡିଏଲ' ଗୁରୁଦାୟିତ୍ୱ ବହନ କରୁଛି। ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଭ୍ରାମ୍ୟମାଣ ଆମ୍ବୁଲାନ୍ସ ବରଦାନ ସାଜିଛି। ବିଗତ କିଛିବର୍ଷ ମଧ୍ୟରେ ୫ ଜିଲାରେ ୧ଲକ୍ଷ ୭୦ ହଜାରରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଇଛି ଟିପିଏନ୍‌ଓଡିଏଲ୍। ବାଲେଶ୍ୱର ଜିଲା ସମେତ ଯାଜପୁର, କେନ୍ଦୁଝର, ଭଦ୍ରକ ଓ ମୟୂରଭଞ୍ଜ ଜିଲାର ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଆରମ୍ଭ ହୋଇଛି ଏହି ସେବା। ୫ ଜିଲା ପାଇଁ ୫ଟି ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଉପଲବ୍ଧ ରହିଛି। ଏଯାବତ ୧୩ଶହରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଏହି ଆମ୍ବୁଲାନ୍ସ ଆଦିବାସୀ, ଉପାନ୍ତ ଓ ଗ୍ରାମାଞ୍ଚଳ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିବା ସହ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଉଛି। ଆମ୍ବୁଲାନ୍ସଗୁଡିକରେ ଅତ୍ୟାବଶ୍ୟକ ଚିକିତ୍ସା ଉପକରଣ ଓ ଔଷଧ ସହ ଜଣେ ଲେଖାଏଁ ଡାକ୍ତର, ଫାର୍ମାସିଷ୍ଟ ଓ ଏଏନଏମ ନିୟୋଜିତ ହୋଇଛନ୍ତି। ତେବେ ସିଏସଆର ବିନିଯୋଗ କ୍ଷେତ୍ରରେ ନିରକ୍ଷର ମହିଳା ଓ ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ଶିକ୍ଷାଦାନ, ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ୫ଟି ଜିଲାରେ ଥିବା ୬ଟି ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକରୁ ପ୍ରାୟ ୩ହଜାର ଯୁବବର୍ଗ ତାଲିମ ନେଇ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ ନିଯୁକ୍ତିର ସୁଯୋଗ ପାଇଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଟେଲରିଂ, ବ୍ୟୁଟିସିଆନ ଆଦି ପ୍ରଶିକ୍ଷଣ ଦିଆଯାଉଛି। ଟିପିଏନ୍‌ଓଡିଏଲ୍ ପକ୍ଷରୁ ଆରମ୍ଭ ହୋଇଥିବା 'ଅଧିକାର କାର୍ଯ୍ୟକ୍ରମ' ବେଶ୍ ଜନାଦୃତ ହୋଇ ପାରିଛି।

## ସଂକ୍ଷେପରେ

### ପାଟଣାରେ ୪୦ଡିଗ୍ରୀ ଉପରେ ତାପମାତ୍ରା

ପାଟଣା,୨୪।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲାରେ ବୁଧବାରଠାରୁ ପାରଦ ଉପର ମୁହାଁ ହୋଇଛି। ପାଟଣା ବ୍ଲକ୍ ମୁଖ୍ୟାଳୟରେ ଗୁରୁବାର ସର୍ବୋଚ୍ଚ ୪୧ଡିଗ୍ରୀ ରହିଥିବା ବେଳେ ଶୁକ୍ରବାର ୩୯ ଡିଗ୍ରୀ ରେକର୍ଡ କରାଯାଇଛି। ଧୁଧୁ ଖରା, ଅସହ୍ୟ ଗୁଲୁଗୁଲିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ଘରୁ ବାହାରିବାକୁ କଷ୍ଟ ଦାୟକ ହେଉଛି। ଖରାରେ ଛାତ୍ରୀଛାତ୍ର ସ୍କୁଲ, କେଲଜ ଯିବାରେ ସମସ୍ୟା ଭୋଗୁଛନ୍ତି। ମେ ୫ରୁ ସ୍କୁଲଗୁଡ଼ିକର ଖରା ଛୁଟି ଥିବା ବେଳେ ମୁଖ୍ୟମନ୍ତ୍ରୀ ଶୁକ୍ରବାର ଅପ୍ରେଲ ୨୭ରୁ ଛୁଟି ଘୋଷଣା କରିବା ଫଳରେ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଦେଇଛି।

### ହିନ୍ଦୁଧର୍ମକୁ ପ୍ରତ୍ୟାବର୍ତ୍ତନ କଲେ ୨ ପରିବାର

ଆନନ୍ଦପୁର,୨୪।୪(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ତରତରା ପଞ୍ଚାୟତ ସରେଇ ସାହିର ୨ ପରିବାର ହିନ୍ଦୁ ଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨ ପରିବାର ୪ ମାସ ପୂର୍ବେ ଅନ୍ୟ ଧର୍ମକୁ ଆପଣେଇଥିଲେ। ସମୟ କ୍ରମେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାପରେ ଗ୍ରାମବାସୀଙ୍କ ଉଦ୍ୟମରେ ସେମାନେ ଶୁକ୍ରବାର ପୁନର୍ବାର ନିଜ ଧର୍ମକୁ ବିଧିବଦ୍ଧ ଭାବେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗ୍ରାମ ମୁଖିଆ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ପାରମ୍ପରିକ ରୀତିନୀତିରେ ହିନ୍ଦୁ ଧର୍ମର ମିଶ୍ରଣ ପର୍ବ ଉତ୍ସାହର ସହିତ ଆୟୋଜନ କରାଯାଇଥିଲା।

### ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ, ୨ ଅଟକ



ଯୋଡ଼ା,୨୪।୪(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସେକ୍ସନର ବାଂଶପାଣି ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ବନ କର୍ମଚାରୀ ପାଟ୍ରୋଲିଂ କରୁଥିବା ସମୟରେ ଏକ ଚୋରା ଲୁହାପଥର ବୋଝେଇ ୧୨ ଚକିଆ ଟ୍ରକ୍ ଜବତ କରିଛନ୍ତି। ଘଟଣାସ୍ଥଳରୁ ୨ ଜଣଙ୍କୁ ଅଟକ ରଖାଯାଇଥିବା ସୂଚନା ମିଳିଛି। ପ୍ରାରମ୍ଭିକ ତଦନ୍ତରୁ, ପ୍ରାୟ ୨୦ ମେଟ୍ରିକ ଟନ୍‌ର ସାଇଜ ଲୁହାପଥର ବୋଝେଇ କରି ଟ୍ରକ୍(ନମ୍ବର ଜେଏଚ ୦୫ ଡିଜେ ୭୬୮୩) ଯୋଗେ ଚାଲାଣ ହେଉଥିଲା। ବନ ବିଭାଗ ପାଟ୍ରୋଲିଂ ଟିମ୍ ହାବୁଡ଼ରେ ପଡ଼ିଥିଲେ। ଝାଡ଼ଖଣ୍ଡକୁ ପରିବହନ କରାଯାଉଥିବା ସନ୍ଦେହ କରାଯାଉଛି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଜବତ ହୋଇଥିବା ଟ୍ରକ୍ ଓ ଲୁହାପଥରକୁ ଖଣି ବିଭାଗଙ୍କୁ ହସ୍ତାନ୍ତର କରାଯାଇଛି। ଅଟକ ଥିବା ଦୁଇଜଣଙ୍କୁ ପଚାରାଉଚରା କରାଯାଉଥିବା ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି।

# ଏକକ ଶିକ୍ଷକରେ ଚାଲିଛି ୧୨୨ ବିଦ୍ୟାଳୟ

## କେନ୍ଦୁଝରରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

କେନ୍ଦୁଝର,୨୪।୪(ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଛାତ୍ରୀଛାତ୍ର ଓ ଶିକ୍ଷକ ଅନୁପାତ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟରେ ୩୦ ଜଣ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୫ଜଣ ଛାତ୍ରୀଛାତ୍ରରେ ଜଣେ ଶିକ୍ଷୟିତ୍ରୀ, ଶିକ୍ଷକ ରହିବାର ନିୟମ ରହିଛି। ଏହା ସହିତ ଗୋଟିଏ ବିଦ୍ୟାଳୟରେ ଅତି କମରେ ୨ ଜଣ ଶିକ୍ଷକ ରହିବାର ବ୍ୟବସ୍ଥା ରହିଛି। ମାତ୍ର ଜିଲାରେ ୧୨୨ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏକକ ଶିକ୍ଷକରେ ଚାଲିଛି। ଏ ଦିଗରେ ଶିକ୍ଷା ବିଭାଗ ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ୨୦୨୪ ଅକ୍ଟୋବରରେ କେନ୍ଦୁଝରରେ ୧୦୯୬ ଜଣ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ନିଯୁକ୍ତି ହୋଇଥିଲା। ଏହା ପରେ ମଧ୍ୟ ପୂର୍ବରୁ ଡେପୁଟେଶନ ହୋଇଥିବା ଶିକ୍ଷକଙ୍କ ଡେପୁଟେଶନ ବାତିଲ କରାଯାଇ ମୂଳ ବିଦ୍ୟାଳୟକୁ ଫେରାଗଲାନାହିଁ। ଫଳରେ କମ ପିଲା ଥିବା କେତେକ ବିଦ୍ୟାଳୟରେ ଶିକ୍ଷକ ସଂଖ୍ୟା ବଢ଼ିଥିବା ବେଳେ ଅଧିକ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟରେ ଶିକ୍ଷକ ସଂଖ୍ୟା କମିଗଲା। ଏହି ଅସଂଗତି ଆଜି ପର୍ଯ୍ୟନ୍ତ ରହିଥିବାରୁ ପାଠ ପଢ଼ା ସୂଚାରୁ ରୂପେ ସମ୍ପାଦନା ହୋଇପାରୁନାହିଁ। ଆନନ୍ଦପୁର ଏବଂ ହାଟଡ଼ିହୀ ବ୍ଲକରେ ୪୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଅଧିକ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ମାତ୍ର ଆଦିବାସୀ ଅଧ୍ୟୁଷିତ ବାଂଶପାଳ ବ୍ଲକ୍‌ର ୨୨ଟି ଏବଂ ସଦର ବ୍ଲକ୍‌ର ୨୬ଟି ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ସଂଖ୍ୟା ୩୦ରୁ ଊର୍ଦ୍ଧ୍ୱ ଥିଲେ ହେଁ ଜଣେ ଲେଖାଏ ଶିକ୍ଷକରେ ପାଠପଢ଼ା ଚାଲିଛି। ଆନନ୍ଦପୁର ବ୍ଲକ୍‌ର ୫ଟି ବିଦ୍ୟାଳୟ, ଚମ୍ପୁଆ ବ୍ଲକ୍‌ରେ ୧୦, ଘଷିପୁରା ବ୍ଲକ୍‌ର ୪ଟି, ଘଟଗାଁ ବ୍ଲକ୍‌ର ୬ଟି, ହରିଚନ୍ଦନପୁର ବ୍ଲକ୍‌ର ୧୪ଟି, ହାଟଡ଼ିହୀ ବ୍ଲକ୍‌ର ୨ଟି, ଝୁମ୍ପୁରା ବ୍ଲକ୍‌ର ୩ଟି, ଯୋଡ଼ା ବ୍ଲକ୍‌ର ୧୦ଟି, ପାଟଣା ବ୍ଲକ୍‌ର ୮ଟି, ସାହାରପଡ଼ା ବ୍ଲକ୍‌ର ୭ଟି ଏବଂ ତେଲକୋଇ ବ୍ଲକ୍‌ର ୫ଟି ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକରେ ପାଠପଢ଼ା ଚାଲିଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ଜଣେ ଲେଖାଏ ଶିକ୍ଷକ ଥିବା ବିଦ୍ୟାଳୟରେ ଆଉ ଜଣେ ଶିକ୍ଷକ ଦିଆଯିବ। ଆନନ୍ଦପୁର ଏବଂ ହାଟଡ଼ିହୀ ବ୍ଲକ୍‌ରେ ଛାତ୍ରୀଛାତ୍ର ଅନୁପାତରେ ଅଧିକ ଶିକ୍ଷକ ଥିଲେ ଅନ୍ୟ ବ୍ଲକ୍‌କୁ ବଦଳି କିମ୍ବା ଡେପୁଟେଶନ କରାଯିବ ବୋଲି ସେ କହିଥିଲେ।

# ଟିଏସ୍‌ଏଫ୍ ମୁର୍ଗା ଚାମ୍ପିୟନ



ଅତିଥିଙ୍କ ସହ କ୍ରୀଡ଼ାବିତ୍।

## ସିଏମ୍ ଟ୍ରଫି ଫୁଟ୍‌ବଲ ଉଦ୍‌ଯାପିତ

କେନ୍ଦୁଝର,୨୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥା ମିଳିତ ସହଯୋଗରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ରାଜ୍ୟ ସିଏମ୍ ଫୁଟ୍‌ବଲ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ, ଯୋଡ଼ା ବିପକ୍ଷରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ, ମୁର୍ଗା ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି।

ପ୍ରଥମାର୍ଦ୍ଧ ଖେଳର ୨୪ତମ ମିନିଟ୍‌ରେ ଟିଏସ୍‌ଏଫ୍, ମୁର୍ଗାର ୧୫ ନମ୍ବର ଖେଳାଳି ରାଜ ବେଣ୍ଟକାର ଲିଙ୍ଗ୍ୟାନଙ୍କଠାରୁ ଏକ ମାଇନସ୍ ପାସ୍ ପାଇ ଏହାକୁ ଶେଷ ସ୍ପର୍ଶ ଦେବାରେ କୌଣସି ତ୍ରୁଟି କରି ନ ଥିଲେ। ପ୍ରଥମାର୍ଦ୍ଧ ଖେଳରେ ୧-୦ ଗୋଲରେ ପଛୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଟିଏସ୍‌ଏଫ୍, ଯୋଡ଼ା ସୁସଂଗଠିତ ହୋଇ ପ୍ରତିପକ୍ଷ ରକ୍ଷଣଭାଗକୁ ବ୍ୟତିବ୍ୟସ୍ତ କରିଦେଇଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ପାରି ନ ଥିଲେ। ସନ୍ଧ୍ୟାରେ ଜିଲା କ୍ରୀଡ଼ା ସଂସ୍ଥା ଉପସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନ୍‌ରାଜ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ ଯୋଗଦେଇ ବାଳକ ବିଭାଗରେ ଟିଏସ୍‌ଏଫ୍ ମୁର୍ଗା ଚାମ୍ପିୟନ, ଟିଏସ୍‌ଏଫ୍, ଯୋଡ଼ା ରନର ଅପ୍, ବାଳିକା ବିଭାଗରେ ଟିଏସ୍‌ଏଫ୍, ଯୋଡ଼ା ଚାମ୍ପିୟନ ଓ ତାରିଣୀ ଫୁଟ୍‌ବଲ ଏକାଡେମୀ ରନର ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମାରୋହରେ ଜିଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ ରଣା, ଜିଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ, କାଉନ୍‌ସିଲ ସଦସ୍ୟ ରାଜ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଫାଇନାଲ ଖେଳରେ ରାଇମୋହନ ମୁର୍ମୁ ରେଫରି ଦାୟିତ୍ୱ ତୁଲାଇଥିଲେ। ବୃନ୍ଦାବନ ମୁଣ୍ଡା, ବିଜୟ କୁମାର ମୁଣ୍ଡା ସହାୟତା କରିଥିଲେ। ଦଶମନ୍ତ ଟୁଡୁ ୪ର୍ଥ ରେଫରି ଥିଲେ। ଫାଓ ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ୍ କମିଶନର ନିଯୁକ୍ତ ହୋଇ ଦାୟିତ୍ୱ ନିର୍ବାହ କରିଥିଲେ।

# ପିଚୁ ରାସ୍ତା ଖୋଳିଦେଲା ଠିକାସଂସ୍ଥା

ପାଟଣା,୨୪।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳରେ ମେଗା ପାନୀୟ ଜଳ ଯୋଗାଣ ପାଇଁ ପାଇପ୍‌ଲାଇନ ବିଛାଇବା କାର୍ଯ୍ୟରେ ନିୟୋଜିତ ଠିକାସଂସ୍ଥା ପିଚୁରାସ୍ତା ଖୋଳିଦେଇଛି। ବିନା ଅନୁମତିରେ ଶୁକ୍ରବାର ପିଚୁ ଓ କଂକ୍ରିଟ ରାସ୍ତା ଖୋଳି ନଷ୍ଟ କରିଥିବା ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗର ସୁଆମ ହନୁମାନ ଛକଠାରୁ ପିପିଳିଆକୁ ସଂଯୋଗ କରୁଥିବା ହନୁମାନ ଛକ, ସ୍ୱାମ ରାସ୍ତା, ପାଟଣା କେନ୍ଦେପୋଷି ରାସ୍ତାର ପୁରୁଲିଆ, ଟାଙ୍ଗରପଡ଼ା ରସ୍ତାକୁ ବେଆଇନ ଭାବେ ଖୋଳି ପକାଇବା ସହ ପାଟଣା ତହସିଲ ପାଖରେ ବିରାଟ ଖାଲ କରିଛି। ଏଥିସହ ସାମ ପିପିଳିଆ ରାସ୍ତାର ସାମ ରାସ୍ତାପାର୍ଶ୍ୱ ଖୋଳି ପକାଇବା ସହ



ରାସ୍ତା ଖୋଳାଯାଉଛି।

୫ ଦିନ ହେବ ବିପଦପୂର୍ଣ୍ଣ ଭାବେ ପିଚୁ ରାସ୍ତା ଉପରେ ମୋରମ ପକାଇ ରଖିଛି। ଫଳରେ ପିଚୁ ରାସ୍ତା ଉପରେ ମୋରମ ପଡ଼ି ରହିଥିବାରୁ ରାସ୍ତା ନଷ୍ଟ ହେବା ସହ ଗାଡ଼ି ସ୍ଲିପ୍ କରି ଦୁର୍ଘଟଣା ଘଟୁଛି। ଏ ନେଇ ପୂର୍ତ୍ତବିଭାଗ ଯନ୍ତ୍ରୀ ମହେଶ୍ୱର ପାଶା କହିଛନ୍ତି, ବିଭାଗର କୌଣଶି ଅନୁମତି ନ ନେଇ ଠିକାସଂସ୍ଥା ରାସ୍ତା କାଟି ପକାଇଚି। ଏନେଇ ସଂସ୍ଥା ନାମରେ ଥାନାରେ ମାମଲା ରୁଜୁ କରିବାକୁ ବିଭାଗ ବିଚାର ବିମର୍ଷ କରୁଛି।

# ବିଭିନ୍ନ ବ୍ଲକରେ ପଞ୍ଚାୟତିରାଜ ଦିବସ



ପାଟଣା ବ୍ଲକ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ଅନ୍ୟମାନେ।

ବଡଲା,୨୪।୪(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବ୍ଲକ୍‌ସ୍ତରୀୟ ପଞ୍ଚାୟତିରାଜ ଦିବସ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସଂହାର, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଏବିଡିଓ ରଶ୍ମିରେଖା ନାଇକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମଦନମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍‌ର ଯନ୍ତ୍ରୀ ହାଡିବନ୍ଧୁ ଟୁଡୁଙ୍କର ପରଲୋକରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ୧୬୫ ଜଣ ଅନ୍ତ୍ୟୋଦୟ ପକ୍କାଗୃହ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସିବିଏସ୍‌ସି ଦଶମ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପଡିଆରିପଲ୍ଲୀ ଗ୍ରାମର ଯନ୍ତ୍ରୀ ଅମୂଲ୍ୟ ରାଉତ, ମାତା ମୁଣ୍ଡୀ ରାଉତଙ୍କ ପୁତ୍ର ସ୍ୱୟଂଜିତ ରାଉତ ୯୮.୬ ପ୍ରତିଶତ ନମ୍ବର ରଖି ବ୍ଲକ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜିଲାସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ତାଙ୍କୁ ପଞ୍ଚାୟତିରାଜ ଦିବସରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବ୍ଲକ୍‌ରେ ବେଷ୍ଟ ପଞ୍ଚାୟତ ଭାବେ ଅକାରୁଆ ସରପଞ୍ଚ ହେମଲତା ବେହେରା, ସଫଳ ଚାଷୀଭାବେ ବଞ୍ଝୋ ପଞ୍ଚାୟତର ଶିବନାରାୟଣପୁର ଗ୍ରାମର ପ୍ରଭାକର ଖଣ୍ଡା, ସୋସୋ ପଞ୍ଚାୟତ କାନପୁରର ଗଙ୍ଗାଧର ରାଉତ ନିଜସ୍ୱ ଦରମା ଓ ପେନସନ ଅର୍ଥରୁ ସାଳନ୍ଦୀ ନଦୀ ଉପରେ ଏକ ପୋଲ ନିର୍ମାଣ କରାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଚମ୍ପୁଆ,(ମହେଶ୍ୱର ଦାସ):** କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ପରିସରରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ, ବ୍ଲକ୍ ଚେୟାରମ୍ୟାନ ସୁରେଶ ନାଏକ, ଭାଇସ ଚେୟାରମ୍ୟାନ ସୁମିତ୍ରା ପାତ୍ର, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ଜିଲା ପରିଷଦ ସଦସ୍ୟା ରମଣୀ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସବ୍ୟସଚି ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହି ପରୀପ୍ରେକ୍ଷୀରେ ୧୨୦ ଜଣ ହିତାଧିକାରୀଙ୍କ ମଧ୍ୟରୁ ୧୦ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ କାର୍ଯ୍ୟାଦେଶ ବଣ୍ଟନ, ୪ ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଚମ୍ପୁଆ ପଞ୍ଚାୟତ ସମିତି ସୌଜନ୍ୟରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋତି ମହାନ୍ତଙ୍କୁ ଗୃହ ପ୍ରବେଶର ଚାବି ବଣ୍ଟନ କରାଯାଇଥିଲା। ଅଧିକ ଶ୍ରମ ଦିବସ ସୃଷ୍ଟି କରିଥିବା ଷଡଙ୍ଗି, ଜ୍ୟୋତିପୁର ଓ ପଡୁଆ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ପରିମଳ ବ୍ୟବସ୍ଥା ଓ ଅନ୍ୟାନ୍ୟ ଉଲ୍ଲେଖନୀୟ ଅବଦାନ ପାଇଁ ପଞ୍ଚାୟତଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଜଣେ ସଂସ୍କୃତି ପ୍ରେମୀ ଓ ଦକ୍ଷ ପ୍ରଶାସକ ଭାବରେ ବିଡ଼ିଓ ସାହୁଙ୍କୁ ଚମ୍ପୁଆ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଯୋଡ଼ା(ମାନସ ମହାନ୍ତି):** ଯୋଡ଼ା ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ସମ୍ମାନିତ ଅତିଥିଭାବେ ଯୋଡ଼ା ବ୍ଲକ୍ ଉପାଧ୍ୟକ୍ଷା ମାଳତୀ ଖଟୁଆ, ବିଧାୟକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ସମେତ ଯୋଡ଼ା ବିଡ଼ିଓ ଡେନିସ ବେହେରା ଯୋଡ଼ା ବ୍ଲକ୍ ସହାୟକ ନିର୍ବାହୀ ଯନ୍ତ୍ରୀ ଅଜୟ ସାହୁ ମଞ୍ଚାସୀନ ଥିଲେ। ୧୯ଟି ପଞ୍ଚାୟତର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ପାଟଣା(ବୀର କିଶୋର ଦାଶ):** ପାଟଣା ବ୍ଲକ୍ ପରିସରରେ ଆୟୋଜିତ ସଭାରେ ପାଟଣା ବିଡିଓ ମାନସ ରଞ୍ଜନ ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷାବିତ ପାର୍ଥ ସାରଥୀବେଜ ସଂଯୋଜନା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ବିଧାୟକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ତହସିଲଦାର ଅଶ୍ୱିନୀ ନାଏକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନ୍ତ୍ୟୋଦୟ ଯୋଜନାରେ ୧୨୩ଟି ଗୃହର କାର୍ଯ୍ୟାଦେଶ ବଣ୍ଟନ, ୮୦ଜଣ ନୂତନ ରେଶନ କାର୍ଡ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ, ୨୦ ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଥିଲା।



ଚମ୍ପୁଆ: ଜଣେ ହିତାଧିକାରୀଙ୍କୁ ଅତିଥି ଅନ୍ତ୍ୟୋଦୟ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

### ପଣ୍ଡିତ ଦୀନ୍ ଦୟାଲ ମହାଅଭିଯାନ ପ୍ରଶିକ୍ଷଣ ଶିବିର

ବଡଲା/ ବଞ୍ଝୋ,୨୪।୪(ଦୁର୍ଗା ପ୍ରସାଦ ଆୟଚ/ ପ୍ରଦୋଷ କୁମାର ବିଶ୍ୱାଳ): କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିବରେଇ ମଣ୍ଡଳରେ ଶୁକ୍ରବାର ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ମହାଅଭିଯାନ ପ୍ରଶିକ୍ଷଣ ଶିବିର ଧନୁର୍ଜୟପୁର ପଞ୍ଚାୟତ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦାନକରି ପ୍ରଦୀପ ପ୍ରଜ୍ୱଳନ କରି ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ସାହୁ ଶିବିରରେ ଭାଜପାର ଇତିହାସ ଓ ବିକାଶ ଉପରେ ଆଲୋଚନା କରିଥିଲେ। ଶିବିରରେ ଆନନ୍ଦପୁର ମ୍ୟୁନିସପାଲିଟିର ପୂର୍ବତନ ନଗରପାଳ ରାମଚନ୍ଦ୍ର ସାହୁ ଓ ଘଷିପୁରା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ। ବାଲିବରେଇ ମଣ୍ଡଳର ଭାଜପା ସଭାପତି ଟିକି କିସ୍କୁ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ। ଭାଜପାର ବରିଷ୍ଠ ନେତା ବିବେକାନନ୍ଦ ରାଉତ, ଉଜ୍ଜଳ ବେହେରା, ତ୍ରୈଲୋଚନ ନାୟକ, ଶିଳି ନାୟକ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

### କେନ୍ଦ୍ରୀୟ ବିଦ୍ୟାଳୟର ପ୍ରବେଶ ଉତ୍ସବ

ଚମ୍ପୁଆ,୨୪।୪(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ନୂତନ ନାମଲେଖା ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଆନୁଷ୍ଠାନିକ ଭାବେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସହକାରୀ ଜିଲାପାଳ ଫୁର୍ଲାଇ ବେସ୍ରା ଯୋଗଦେଇଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷ ହରମନ ଛୁରିଆ ପ୍ରମୁଖ ଉପସ୍ଥିତ ରହିଥିଲେ। ନୂତନଭାବେ ନାମ ଲେଖାଇଥିବା କୁନିକୁନି ଛାତ୍ରୀଛାତ୍ରଙ୍କୁ ସିନ୍ଦୁର ଚନ୍ଦନ ଲଗାଇ ସ୍ୱାଗତ କରାଯାଇଥିଲା। ଏହି ପରୀପ୍ରେକ୍ଷୀରେ ସ୍ୱାଗତ ସଙ୍ଗୀତ, ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଅତିଥିଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ବୁକଲେଟ ଉପହାର ସ୍ୱରୂପ ପ୍ରଦାନ କରି ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରାଯାଇଥିଲା। ବହୁ ଅଭିବାବକ ମଧ୍ୟ ଯୋଗ ଦେଇଥିଲେ।

# ଭଙ୍ଗାଦଦରା ଘରେ ଜୀବନ ବିତାଉଛନ୍ତି ୪ ପ୍ରାଣୀ

## ମୌଳିକ ସୁବିଧାରୁ ବଞ୍ଚିତ ଜୁଆଙ୍ଗ ପରିବାର

କେନ୍ଦୁଝର,୨୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଆଦିମ ଜନଜାତି ଜୁଆଙ୍ଗ ପରିବାର ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ । ଜୁଆଙ୍ଗଙ୍କ ବିକାଶ କଥା ସମସ୍ତେ କହୁଥିଲେ ହେଁ ପାହାଡ଼ ଓ ଜଙ୍ଗଲ ଘେରରେ ରହୁଥିବା ଜୁଆଙ୍ଗ ଗ୍ରାମରେ ସେମାନଙ୍କ ଅବସ୍ଥା ଦେଖିଲେ ବିକାଶ କିଭଳି ହେଉଛି ଅନୁମାନ କରିହେବ। ଉଦାହରଣ ଭାବେ ବାଂଶପାଳ ବ୍ଲକ୍ କୋଡ଼ିପଶା ପଞ୍ଚାୟତ ଅଧୀନ କୁଣ୍ଡେଇ ଗ୍ରାମର ପଞ୍ଚୁ ଜୁଆଙ୍ଗଙ୍କ ଦୁଃଖ କାହାଣୀ ଏକ ଦୃଷ୍ଟାନ୍ତ।

ପ୍ରକାଶ ଯେ, ଗାଁ ପାଖରେ ନିୟମିତ କାମ ମିଳୁ ନ ଥିବାରୁ ପଞ୍ଚୁ କଟକରେ ରହି କାମ କରନ୍ତି। ଘରେ ସ୍ତ୍ରୀ, ୨ ପିଲା ରହିଥିବା ବେଳେ ସ୍ତ୍ରୀ ପର ଘରେ ମୂଲ କରି ପିଲାଙ୍କ ଦେଖାଶୁଣା କରୁଛନ୍ତି। ଚାଷଜମି ନ ଥିବା ବେଳେ ଯାହା ରୋଜଗାର କରନ୍ତି, ସବୁ କିଛି ଖାଇବା, ପିନ୍ଧିବାକୁ ନିଅଣ୍ଟ। ଏଣୁ



ଘର ମରାମତି ପାଇଁ ସମ୍ବଳ ନ ଥିବାରୁ ଭଙ୍ଗା ଦଦରା ପଲିଥିନ ଘୋଡ଼ା ଛପର ଓ ଝାଟିମାଟି ଘରେ ମୁଣ୍ଡ ଗୁଞ୍ଜୁଛନ୍ତି। ଝଡ଼, ବର୍ଷା, ତୋଫାନ ହେଲେ ଘରେ ପାଣି, ଧୂଳି ପଶିଯାଏ। ବିଛା, ସରୀସୃପଙ୍କ ଭୟ ମଧ୍ୟ ଲାଗି ରହୁଛି। ଘର ଖଣ୍ଡେ ମିଳିଥିଲେ ହେଁ କାମ ଆରମ୍ଭ ହେଉନାହିଁ। ଦୁଃଖ ଦେଖି ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଆଶା’ ପକ୍ଷରୁ ଜୁଆଙ୍ଗଙ୍କ ସମସ୍ୟାକୁ ଦେଶର ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭକରି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ, କେନ୍ଦୁଝର ଜିଲାପାଳଙ୍କ ନିକଟରେ ପହଞ୍ଚାଇଥିଲେ ହେଁ ସୁଫଳ ମିଳୁନାହିଁ ବୋଲି ଆଶାର ସ୍ୱେଚ୍ଛାସେବୀ ଡମ୍ବରୁଧର ଘଣା କହିଛନ୍ତି। ଜୁଆଙ୍ଗଙ୍କ ସମସ୍ୟା ସମାଧାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ପେଟ ପାଇଁ ଫୁଡ୍ ଡେଲିଭରି ଓମେନ୍

## ଜୀବନ ସଂଘର୍ଷରେ ହାରିନାହାନ୍ତି ସରୋଜିନୀ

କେନ୍ଦୁଝର,୨୪।୪(ଦୀପକ ମିଶ୍ର)

ପେଟ ପାଇଁ ସବୁ ନାଟ। ପେଟର ଭୋକ ସଂଘର୍ଷ କରିବାକୁ ବାଟ ଦେଖାଏ। ଆଉ ସେଇ ବାଟରେ ଯାଇ ପୁରୁଷ ପ୍ରଧାନ ଫୁଡ୍ ଡେଲିଭରି ବ୍ୟବସ୍ଥା ଭିତରେ ସରୋଜିନୀଙ୍କ ଭଳି ଅଭାବୀ ଗରିବ ମହିଳା ପାଲଟିଛନ୍ତି ଖାଦ୍ୟ ଡେଲିଭରି ଓମେନ୍। କେନ୍ଦୁଝର ଭଳି ରକ୍ଷଣଶୀଳ ସହରରେ ଜଣେ ମହିଳା ପ୍ରଥମ ଥର ପାଇଁ ଘରକୁ ଘର ବୁଲି ସ୍କୁଟିରେ ଫୁଡ୍ ଡେଲିଭରି କରିବା ଘଟଣା ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ସାଜିଛି।

ପ୍ରକାଶ ଯେ, ହରିଚନ୍ଦନପୁର ବ୍ଲକ୍ କାଳିମାଟି ଗାଁର ସରୋଜିନୀ ୨୦୧୯ରେ କେନ୍ଦୁଝର ସଦର ବ୍ଲକ୍ ମୁକୁନା ଗ୍ରାମର ରଞ୍ଜିତ ନାଏକଙ୍କୁ ବିବାହ କରିଥିଲେ। ବିବାହ ପରେ ସବୁ ଠିକ୍‌ଠାକ୍ ଚାଲିଥିଲା। କିନ୍ତୁ ବିଧିର ବିଧାନ ଥିଲା କିଛି ଅଲଗା। ସରୋଜିନୀଙ୍କ ସ୍ୱାମୀ ରୋଗାକ୍ରାନ୍ତ ହୋଇ ୨୦୨୪ରେ ମୃତ୍ୟୁବରଣ କଲେ। ରଞ୍ଜିତ ଘରର ଏକମାତ୍ର ରୋଜଗାରିଆ ପୁଅ ହୋଇଥିବାରୁ ତାଙ୍କ ମୃତ୍ୟୁ ପରେ ଘରେ ଦୁଃଖର ପାହାଡ଼ ଖସି ପଡ଼ିଲା। ଶ୍ୱଶୁରଙ୍କ ମଧ୍ୟ ପୂର୍ବରୁ ମୃତ୍ୟୁ ହୋଇଥିବାରୁ ସରୋଜିନୀ ଏବଂ ବୃଦ୍ଧା ଶାଶୁ ମିନତୀ ଚିନ୍ତାରେ ପଡ଼ିଲେ। ୨ ପ୍ରାଣୀଙ୍କ ପେଟ ପୋଷିବାକୁ ଦିନ ମଜୁରିଆ ଭାବେ କାମ କରିବାକୁ ସରୋଜିନୀ ପାରାଦୀପ ଯାଇଥିଲେ। କିଛିଦିନ କାମ କରିବା ପରେ ଶାଶୁଙ୍କ କଥା ବୁଝିବାକୁ ଘରକୁ ଚାଲି ଆସିଲେ। ପରେ ଏକ ଗ୍ରୋସରି ଦୋକାନରେ କାମ କଲେ। କିନ୍ତୁ ସ୍ୱଳ୍ପ ରୋଜଗାରରେ ଶାଶୁଙ୍କର ଔଷଧଠୁ ଆରମ୍ଭ କରି ଖାଇବା ଓ ନିଜର ଖର୍ଚ୍ଚ ସମ୍ଭାଳିବା କଷ୍ଟହେଲା। କେନ୍ଦୁଝର ସହର ଜେଲ ରୋଡ୍‌ରେ ଏକ ପରିବା ଦୋକାନ ଦେଇ ଗୁଜୁରାଣ ମେଣ୍ଟାଇଲେ।



ଗତ ୨ ମାସ ପୂର୍ବରୁ ଖାଦ୍ୟ ଡେଲିଭରି ସଂସ୍ଥାର ଜଣେ କର୍ମଚାରୀଙ୍କ ସହ ତାଙ୍କର ଭେଟ ହୋଇଥିଲା। କିଛି ଅଧିକ ରୋଜଗାର କରିବା ଆଶାରେ ଫୁଡ୍ ଡେଲିଭରି କରିବାକୁ ମନ ବଳାଇଥିଲେ। କିସ୍ତିରେ ସ୍କୁଟିଟିଏ କିଣି ୨ ମାସ ହେଲା ଫୁଡ୍ ଡେଲିଭରି କରୁଛନ୍ତି। ପ୍ରଥମେ ଜଣେ ମହିଳା ଫୁଡ୍ ଡେଲିଭରି କରୁଥିବା ଦେଖି ଲୋକେ ଆଶ୍ଚର୍ଯ୍ୟ ହେଉଥିଲେ। ପରେ ତାଙ୍କ କାମକୁ ସମସ୍ତେ ସମ୍ମାନ ଜଣାଉଥିବା ସରୋଜିନୀ କହିଛନ୍ତି। ଫୁଡ୍ ଡେଲିଭରି କରି ଦୈନିକ ୫୦୦ରୁ ୬୦୦ ଟଙ୍କା ରୋଜଗାର କରିପାରୁଛନ୍ତି। ସକାଳୁ ରୋଷେଇ ସାରି ଦିନ ୧୨ଟାରେ ୧୫ କି.ମି. ଦୂର କେନ୍ଦୁଝର ସହରକୁ ବାହାରି ଆସନ୍ତି। ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ଫୁଡ୍ ଡେଲିଭରି କରି ଘରକୁ ଫେରି ଶାଶୁଙ୍କ ଦେଖାଶୁଣା କରନ୍ତି। ସରୋଜିନୀ କୁହନ୍ତି, ଜୀବନରେ ସଂଘର୍ଷ କରୁ କରୁ ଏବୁଣ୍ଡି ତେଇଁ କେବେ ବଜାରରେ ଘର ଘର ବୁଲି ଫୁଡ୍ ଡେଲିଭରି କରିବାକୁ ଆଦରି ନେଲେ ତାହା ଜାଣି ପାରିଲେନାହିଁ। ପେଟ ପୂରିଲେ ସିନା ଆଗକୁ ସ୍ୱପ୍ନ ଦେଖିବେ, ଏବେ ସ୍ୱପ୍ନ ଦେଖିବାକୁ ବେଳ ନାହିଁ ବୋଲି ଲୋତକ ଭରା ଚକ୍ଷୁରେ ସରୋଜିନୀ କହିଥିଲେ। ନିଜ କାମରେ ଖୁସି ଅଛନ୍ତି। ଯେତିକି ରୋଜଗାର ହେଉଛି, ଯଥେଷ୍ଟ ନ ହେଲେ ବି ଚଳିଯାଉଥିବା କହିଥିଲେ।

